# ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ

**ବରଗଡ଼/ପଦ୍ମପୁର/ପାଇକମାଳ, ୧୯।୨(ସମିସ)**

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ଜିଲ୍ଲା ଗସ୍ତରେ ଆସୁଛନ୍ତି। କାର୍ଯ୍ୟକ୍ରମ ଅନୁସାରେ, ମୁଖ୍ୟମନ୍ତ୍ରୀ ବିଜେପୁର ବ୍ଲକସ୍ଥିତ କନାପାଲିରେ ଦିନ ୧୧ଟା ୫୦ରେ ହେଲିକେପଟର ଯୋଗେ ଓହ୍ଲାଇ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପକୁ ଉଦଘାଟନ କରିବେ। ପରେ ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ନିର୍ମିତ ଶହେ ଶଯ୍ୟା ବିଶିଷ୍ଟ କ୍ୟାନସର ହସପିଟାଲକୁ ମଧ୍ୟ ଉଦଘାଟନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଗସ୍ତ ସମୟରେ ପଶ୍ଚିମ ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନ ପୀଠ ନୃସିଂହନାଥର ରୂପାନ୍ତରଣ କାର୍ଯ୍ୟର ଉଦଘାଟନ ସହ ୩୪୨ କୋଟି ୬୯ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ୫୯ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଜିଲ୍ଲା ଷ୍ଟାଡିୟମ ଓ ସ୍ପୋର୍ଟସ କମ୍ପଲେକ୍ସର ଶିଳାନ୍ୟାସ ସହ ୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟରେ ୨୧ଟି ବିଭିନ୍ନ ଉନ୍ନୟନପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ନେଇ ସୂଚନା ମିଳିଛି। ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ପାଖାପାଖି ୧ ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇପାରିବ। ସେହିପରି କ୍ୟାନସର ହସପିଟାଲ ଉଦଘାଟନ ସହ ଜିଲ୍ଲାସ୍ତରୀୟ ଷ୍ଟାଡିୟମ, ରିଂ ରୋଡର ଶିଳାନ୍ୟାସ ତଥା ବିଭିନ୍ନ ସ୍ଥାନରେ ହୋଇଥିବା ବିଜୁ ସେତୁ, ରାସ୍ତା ଘାଟ ଆଦି ଉନ୍ନୟନମୂଳକ କାର୍ଯ୍ୟର ଶୁଭ ଉଦଘାଟନ ତଥା ଶିଳାନ୍ୟାସ ହେବ। ବରଗଡ଼ ଜିଲ୍ଲାର ବିକାଶ କ୍ଷେତ୍ରରେ ଆସନ୍ତାକାଲି ଏକ ଐତିହାସିକ ଦିନ ବୋଲି ବିଧାୟକ ଦେବେଶ ଆଚାର୍ଯ୍ୟ କରିଛନ୍ତି।

### ଝଲସିବ ଶ୍ରୀନୃସିଂହନାଥ ମନ୍ଦିର

## ୨୩ କୋଟି ପ୍ରକଳ୍ପର ହେବ ଲୋକାର୍ପଣ

ବୋଡାସମ୍ବର ମାଟିର ପ୍ରଥମ ତୀର୍ଥକ୍ଷେତ୍ର ଶ୍ରୀ ଶ୍ରୀନୃସିଂହନାଥ ମନ୍ଦିର ବିକାଶ ଓ ରୂପାନ୍ତରଣକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଲୋକର୍ପଣ କରିବେ।



ସେଥିପାଇଁ ମନ୍ଦିର ଓ ପ୍ରଶାସନ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ମନ୍ଦିରର ପରିବେଶ, ସୌନ୍ଦର୍ଯ୍ୟକରଣ ପାଇଁ ସରକାର ୨୨କୋଟି ୭୮ ଲକ୍ଷ ଅର୍ଥ ବ୍ୟୟ କରିଛନ୍ତି। ବ୍ୟବସ୍ଥିତ ଶୈଳୀରେ ଦୋକାନ, ରାସ୍ତାଘାଟ, ପରିମଳ ବ୍ୟବସ୍ଥା, ଶୌଚାଳୟ, ଭୋଗମଣ୍ଡପ, ଅତିଥି ବିଶ୍ରାମସ୍ଥଳୀ, ଫୁଲ ବଗିଚା ଓ ସୌନ୍ଦର୍ଯ୍ୟକରଣ ପାଇଁ ସମସ୍ତ ଆବଶ୍ୟକ କାମ ସରିଯାଇଛି। ଦୀର୍ଘ ଦିନ ପରେ ନୃସିଂହନାଥ ମନ୍ଦିରର ରୂପାନ୍ତରଣ ହୋଇଥିବାରୁ ଅଞ୍ଚଳବାସୀ ବହୁତ ଖୁସି ଅନୁଭବ କରୁଛନ୍ତି। ନୂଆଁ ରୂପରେ ପ୍ରଭୁ ଶ୍ରୀ ନୃସିଂହନାଥଙ୍କ ବିଜେସ୍ଥଳୀ ସୁସଜ୍ଜିତ ହୋଇଥିବାରୁ ଭକ୍ତମାନଙ୍କ ମନରେ ଭଗବାନଙ୍କ ପ୍ରତି ଉତ୍କଣ୍ଠା ବଢିଯାଇଛି। ମୁଖ୍ୟମନ୍ତ୍ରୀ ଅପରାହ୍ନରେ ଏହି ଆଧ୍ୟାତ୍ମିକସ୍ଥଳୀର ନବୀକରଣକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

### ବରଗଡ଼ କ୍ୟାନସର ହସପିଟାଲ

## ଶହେ କୋଟି ବ୍ୟୟ ଅଟକଳ, ଶହେ ଶଯ୍ୟା ହସପିଟାଲ

ସାରା ପଶ୍ଚିମ ଓଡ଼ିଶାରେ କ୍ୟାନସର ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଥିବା ବେଳେ କ୍ୟାନସର ଆକ୍ରାନ୍ତଙ୍କ ଦ୍ୱାରା ଗଠିତ ଫାଇଟର୍ସ ଗୃପ ଠାରୁ ଆରମ୍ଭ କରି ୟୁନାଇଟେଡ



ଫୋରମ ଫର କ୍ୟାନସର ହସପିଟାଲ ପରି ବହୁ ସଂଗଠନ ବରଗଡ଼ରେ ଏକ କ୍ୟାନସର ହସପିଟାଲ ନିର୍ମାଣ ପାଇଁ ଦାବି କରିଥିଲେ। ବାରମ୍ବାର ଦାବି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ରେ ସୋହେଲାଠାରେ ଆୟୋଜିତ ଏକ ସଭାରେ ବରଗଡ଼ ଜିଲ୍ଲାରେ କ୍ୟାନସର ହସପିଟାଲ ନିର୍ମାଣ ନେଇ ଘୋଷଣା କରିଥିଲେ। ପଶ୍ଚିମ ଓଡ଼ିଶାର କ୍ୟାନସର ପୀଡ଼ିତଙ୍କ ଦୁଃଖ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ଆଜି ପୂରଣ ହେବାକୁ ଯାଉଛି। ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପ୍ରାୟ ଶହେ କୋଟି ବ୍ୟୟ ଅଟକଳରେ ଏହି କ୍ୟାନସର ହସପିଟାଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି କ୍ୟାନସର ହସପିଟାଲ ୧୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଇନଡୋର ୱାର୍ଡ ପାଇଁ ୪୦ ଶଯ୍ୟା, ଡେ-କେୟାର କେମୋଥେରାପି ପାଇଁ ୨୦ ଶଯ୍ୟା, ଆଇସିୟୁ ପାଇଁ ୬ ଶଯ୍ୟା, ହାଇ ଡିପେନ୍‌ଡେସି ଇଉନିଟ୍ ପାଇଁ ୬ ଶଯ୍ୟା, ପ୍ରି - ସର୍ଜରୀ ୬ ଶଯ୍ୟା, ପୋଷ୍ଟ ସର୍ଜରୀ ୬ ଶଯ୍ୟା, ଆଇସୋଲେସନ୍ ଶଯ୍ୟା ୪ ଓ ୧୨ଟି କ୍ୟାବିନ୍ ବ୍ୟବସ୍ଥା ରହିଥିବା ଜଣାପଡ଼ିଛି। ଗତ ବର୍ଷ ଜୁନରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବରଗଡ଼ ଗସ୍ତରେ ଆସି ଏହାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ତେବେ କ୍ୟାନସର ହସପିଟାଲ ପାଇଁ ରେଡିଏନ୍ସ ଅଙ୍କୋଲୋଜିଷ୍ଟ, ମେଡିକାଲ ଅଙ୍କୋଲୋଜିଷ୍ଟ, ପାଲୋଜିଷ୍ଟ, ସର୍ଜରୀ ସ୍ପେସିଆଲିଷ୍ଟ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, କର୍ଣ୍ଣ-ନାଶା-ଗଳା ବିଶେଷଜ୍ଞ, ଦାନ୍ତ ରୋଗ ବିଶେଷଜ୍ଞ, ମେଡିସିନ ସ୍ପେସିଆଲିଷ୍ଟ, ରେଡିଏନ୍‌ସ ଟେକ୍ନୋଲୋଜିଷ୍ଟ, ଫାର୍ମାସିଷ୍ଟ, ଲେବ ଟେକ୍ନିସିଆନ ଓ ନର୍ସିଂ ଅଫିସରର ଆଦି ନିଯୁକ୍ତି ଦିଆଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତରଫରୁ ସୂଚନା ଦିଆଯାଇଛି। କିଛି ଦିନ ପରେ ପଶ୍ଚିମ ଓଡ଼ିଶାର କ୍ୟାନସର ପୀଡିତ ମାନେ ଏଠାରେ ଚିକିତ୍ସା ସେବା ପାଇ ପାରିବେ ବୋଲି ଜଣାପଡ଼ିଛି। ଯାହାକୁ ନେଇ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଦେବେଶ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



### ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ

## ଆଉ ଏକ ସବୁଜ କ୍ରାନ୍ତି ଲକ୍ଷ୍ୟ



ଗଙ୍ଗାଧର ଉଠା ଜଳସେଚନ ପ୍ରକଳ୍ପ ବରଗଡ଼ ଜିଲ୍ଲା ପାଇଁ ଆଉ ଏକ ସବୁଜ କ୍ରାନ୍ତି ଆଣିବାକୁ ଯାଉଛି। ନବୀନ ପଟ୍ଟନାୟକଙ୍କ ସରକାର ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ବରଗଡ଼ ଜିଲ୍ଲାର ବିଜେପୁର ଓ ସୋହେଲା ବ୍ଲକର ୧୦୦ଟି ଗାଁକୁ ଜଳସେଚନ ବ୍ୟବସ୍ଥା ଯୋଗାଇ ଦେବା ସହ ବରପାଲିର ୨୨ଟି ଓ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲିର ୭ଟି ଗାଁର ଚାଷୀ ଜଳସେଚନର ସୁବିଧା ପାଇପାରିବେ। ପରେ ଏହି ପ୍ରକଳ୍ପରେ ବରଗଡ଼ ବ୍ଲକର ୧୨ଟି ଏବଂ ବରପାଲି ବ୍ଲକର ଆଉ ୨ଟି ଗାଁକୁ ସାମିଲ କରାଯାଇଛି। ଫେବୃୟାରୀ ୨୦୧୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପରେ ଏହି ଚାରୋଟି ବ୍ଲକର ୧୨୯ଟି ଗ୍ରାମର ପ୍ରାୟ ୨୫ ହଜାର ୬୦୦ ହେକ୍ଟର ଜମିକୁ ପାଣି ପହଞ୍ଚିବ। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେବା ସହ ଠିକ ସମୟରେ ଯେପରି କାର୍ଯ୍ୟ ଶେଷ ହେବ ସେ ଦିଗରେ ଚେଷ୍ଟିତ ଥିଲେ। ରାଜ୍ୟ ସରକାର ଗଙ୍ଗାଧର ମେହେର ଉଠା ଜଳସେଚନ ପାଇଁ ସର୍ବମୋଟ ୧୬୭୭ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏଥିମଧ୍ୟରୁ ୩୮୧ କୋଟି ଟଙ୍କା ହୀରାକୁଦର ଜିରୋ ଆରଡିରୁ ଡୁରୁଙ୍ଗା ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇଥିବା ବେଳେ ଡୁରୁଙ୍ଗାରୁ ସମଗ୍ର ପ୍ରକଳ୍ପ ପାଇଁ ୧୨୯୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା ୨୦ କ୍ୟୁମେକ୍ସ ଜଳଯୋଗାଣ ହୋଇପାରିବା ସହ ଅଣଜଳସେଚିତ ଅଞ୍ଚଳରେ ଚାଷୀମାନେ ଜଳସେଚନର ସୁବିଧା ପାଇପାରିବେ।



### ବରଗଡ଼ରେ ହେବ ମେଡିକାଲ କଲେଜ

## ଜାଗା ଚିହ୍ନଟ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ

**ବରଗଡ଼, ୧୯।୨(ସମିସ):** ବରଗଡ଼ ଜିଲ୍ଲାରେ ଏକ ସରକାରୀ ମେଡ଼ିକାଲ କଲେଜ ସ୍ଥାପନ ହେବା ନେଇ ସୂଚନା ମିଳିଛି। ଯାହାକୁ ନେଇ ବରଗଡ଼ ପ୍ରଶାସନ ଟୁକୁର୍ଲା ମୌଜାରେ ୫ ଏକର ଜାଗା ଖୋଜିବା ପରେ ଜିଲ୍ଲାରେ ମେଡ଼ିକାଲ କଲେଜ ନେଇ ଜନସାଧାରଣଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି। ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଡେ଼ପ୍ୟୁଟି କଲେକ୍ଟର (ରେଭେନ୍ୟୁ) ପତ୍ରସଂଖ୍ୟା ୨୯୪୭/୧୯.୦୨.୨୦୨୪ ଜରିଆରେ ଭଟଲି ତହସିଲଦାରଙ୍କୁ ଏ ବାବଦରେ ଅବଗତ କରି ପ୍ରସ୍ତାବିତ ବରଗଡ଼ ମେଡ଼ିକାଲ କଲେଜ ନିର୍ମାଣ ପାଇଁ ଟୁକୁର୍ଲା ମୌଜାରେ ୫ ଏକର ସର-କାରୀ ଜାଗା ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବଂ ୦୫/୨୦୨୧ ଏଲିନେସନ କେସ ରେକର୍ଡ଼ରେ ଆବଶ୍ୟକ ଆରଓଆରରେ ସଂଶୋଧନ କରି ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଉପରୋକ୍ତ ଚିଠି ଓ ନିର୍ଦ୍ଦେଶନାମାରୁ ବରଗଡ଼ରେ ଏକ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଉଥିବା ସ୍ପଷ୍ଟ ହୋଇଯାଇଥିବା ବେଳେ ଟୁକୁର୍ଲା ମୌଜାରେ ହିଁ ଏଥିପାଇଁ ଜାଗା ଖୋଜା ଚାଲିଥିବାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନିକଟରେ ମେଡ଼ିକାଲ କଲେଜ ହେବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି।

## ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବରଗଡ଼/ପଦ୍ମପୁର, ୧୯।୨(ସମିସ):** ଛଅ ଦଫା ଦାବିନେଇ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ବରଗଡ଼ ଶାଖା ତରଫରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବା ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। କ୍ୟାଡର ପୁନଃଗଠନ, ରାଜସ୍ୱ ସୁପରଭାଇଜର ନାମ ପରିବର୍ତ୍ତନ କରି ଅତିରିକ୍ତ ତହସିଲଦାର କରାଯିବା, ଆରଆଇ, ଏଆରଆଇ ଏବଂ ଆରଏସ ବେତନ ବର୍ଦ୍ଧିତ ସ୍କେଲର ଧାର୍ଯ୍ୟ, ଓଏଏସ ପାଇଁ ୨୫ ପ୍ରତିଶତ ପଦ ଅଭିଜ୍ଞତା ଆଧାରରେ ସଂରକ୍ଷିତ ରଖାଯିବା ଆଦି ଦାବି ଅନ୍ତର୍ଭୁକ୍ତ ରହିଛି। ବରଗଡ଼ ଜିଲ୍ଲା ଶାଖାର ପବିତ୍ର ଭୁଏ, ଅନିତା ପ୍ରଧାନ, ଅମ୍ବିକା ପ୍ରଧାନ, ଜୟଶ୍ରୀ କୁଜୁର, ପ୍ରତିଶୃତି ମିଶ୍ର, ସଞ୍ଜୀବ ମିଶ୍ର, ଆଶିଷ ପଟ୍ଟନାୟକ, ରୋଶନ ନାରାୟଣ ମିଶ୍ର, ସୁନୀଲ ପୂଜହାରୀ, ଚୈତନ୍ୟ ବରିହା, ଗାୟତ୍ରୀ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ।

## ଜେଜେବାପା ଜେଜେମାଆ ସମ୍ମିଳନୀ

**ବରଗଡ଼, ୧୯।୨(ସମିସ):** ବରଗଡ଼ ସଂସ୍କାର ସାପଲିଙ୍ଗ ବିଦ୍ୟାଳୟରେ 'ଗ୍ରାଣ୍ଡ ପ୍ୟାରେଣ୍ଟସ ଦିବସ' ପାଳିତ ହୋଇଯାଇଛି। ସାବିତ୍ରୀ ଦେବୀ, ଶାଖା ପ୍ରମୁଖ ମମତା ସାୱଡିଆ ଓ ପ୍ରବନ୍ଧକ ସିଦ୍ଧାର୍ଥ ସାୱଡିଆ ଏବଂ ମେଘା ସାୱଡିଆ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାର୍ଥୀଙ୍କ ଜେଜେମାଆ ଓ ଜେଜେବାପାଙ୍କର ଭବ୍ୟ ସ୍ୱାଗତ କରାଯାଇଥିଲା। ଏ ଅବସରରେ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଜେଜେ ବାପା ଓ ଜେଜେମାଆମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଜେଜେମାଆ ଜେଜେବାପା ମାନେ ନିଜର ପୁରୁଣା ସ୍ମୃତିକୁ ସମସ୍ତଙ୍କ ସମ୍ମୁଖରେ ବ୍ୟକ୍ତ କଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶୁଭ୍ରସ୍ମିତା ମହାନ୍ତି, ତନୁ ଖଣ୍ଡେୱାଲ, ଯାଜ୍ଞସିନୀ ସାହୁ, ପ୍ରିୟଦର୍ଶିନୀ ମିଶ୍ର, ପୂଜା ନାୟକ ଏବଂ ପ୍ରଶାସକ ରାଜଦୀପ ପ୍ରମୁଖ ସହଯୋଗ କରିଥିଲେ।




## ଜଙ୍ଗଲ ନିଆଁ ନିରାକରଣ ସଚେତନତା

**ଦହିତା, ୧୯।୨ (ସମିସ):** ପଦ୍ମପୁର ବନାଞ୍ଚଳ ଆନୁକୂଲ୍ୟରେ ରାଜବୋଡାସମ୍ବର ବ୍ଲକ ଅନ୍ତର୍ଗତ ଜମରତଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜଙ୍ଗଲ ନିଆଁ ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଜମରତଲା ସରପଞ୍ଚ ବିଦୁଭୂଷଣ ଚାନ୍ଦ, ମୁଖ୍ୟବକ୍ତା ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ସମ୍ପାଦକ ପ୍ରକୃତି ବନ୍ଧୁ ମୀନକେତନ ସାହୁ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷା ସଂଯୁକ୍ତା ଚାନ୍ଦ, ଜିଲ୍ଲା ପରିଷଦ ସଭ୍ୟ ମକରଧ୍ୱଜ ବଗାର, ଜମରତଲା ବନ ସୁରକ୍ଷା ସମିତି ସଭାପତି ପ୍ରଦୀପ ପଣ୍ଡା, ସାମ୍ବାଦିକ ଜୟନ୍ତ ସେଠ ପ୍ରମୁଖ ଯୋଗଦାନ କରିଥିଲେ। ନାଟ୍ୟକାର ରାଜକୁମାର ସାହୁଙ୍କ ନିର୍ଦ୍ଦେଶନାରେ 'ସଚେତନ୍ ହେମା' ନାଟ୍ୟ ସଂସଦ ଢୋଲବନ୍ଧ ତରଫରୁ ଜଙ୍ଗଲ ନିଆଁ ନିରାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ 'ମାକଡ୍ ବିହା' ପ୍ରଦର୍ଶିତ ହୋଇଥିଲା। ପଦ୍ମପୁର ବନାଞ୍ଚଳର ବିଭିନ୍ନ ବନ ସୁରକ୍ଷା ସମିତିର ସଭାପତି, କର୍ମକର୍ତ୍ତା, ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଏମବିକେ, ସିଆରପି, ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ଗଜ ସାଥି, ଅନ୍ୟାନ୍ୟ ଫରେଷ୍ଟ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଆମ ଜଙ୍ଗଲ ଯୋଜନା ଟିମ ଲିଡର ପ୍ରକାଶଚନ୍ଦ୍ର ହୋତା ସଂଯୋଜନା କରିଥିବା ବେଳେ ଫରେଷ୍ଟର ଅଶ୍ୱିନୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଜୟପୁରରେ ମଧ୍ୟ 'ଆମେ ସଚେତନ ହେମା' ନାଟ୍ୟ ସଂସଦ ତରଫରୁ 'ମାକର୍ ବିହା' ପରିବେଷଣ କରାଯାଇଥିଲା।



## ତୁଲଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ




**ବରପାଲି,୧୯ ।୨ (ସମିସ):** ବରପାଲି ବ୍ଲକ ତୁଲଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଅତିଥି ଅଧ୍ୟାପନାମଣ୍ଡଳୀଙ୍କ ସହ ପରିଚାଳନା କମିଟି, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଏକ ସାଂସ୍କୃତିକ ଶୋଭାଯାତ୍ରା କରିଥିଲେ। ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ ଉତ୍ସବକୁ ସରପଞ୍ଚ ମାନସ ରଞ୍ଜନ ବଡ଼ାଇ ଉଦଘାଟନ କରିଥିବା ବେଳେ ପ୍ରଧାନଶିକ୍ଷକ ମହେନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ନୀଳମାଧବ ସାହୁ, ପ୍ରଜ୍ଞାଶ୍ରୀ ହାଇସ୍କୁଲ ପ୍ରଧାନଶିକ୍ଷକ ଶିବ ସାହୁ, ଶିକ୍ଷାବିତ୍ ଲକ୍ଷ୍ମୀପ୍ରସାଦ ଥପା, ରଘୁନାଥ ଷଡ଼ଙ୍ଗୀ, କମଲେଶ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଅପରାହ୍ନରେ ପୂର୍ବତନ ଲୋକପାଳ ତାରାପଦ ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସଭାରେ ସରପଞ୍ଚ ମାନସ ବଡ଼ାଇ, ସମିତିସଭ୍ୟ ଉପେନ୍ଦ୍ର ବାଗ, ହାସ୍ୟକବି ମୁନିରାମ କୁମ୍ଭାର, ସିଆରସିସି ଉତ୍ତମ ଦେହୁରୀ, ପାଟକୁଲୁଣ୍ଡା ସ୍କୁଲ ପ୍ରଧାନଶିକ୍ଷକ ସଂଜୀବ କୁଦାଶ ଓ ପରିଚାଳନା କମିଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନଏମଏମଏସ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଶ୍ରାବଣୀ କୁରୁକୁରିଆ, କମଳିନୀ ଭୁଏ ଓ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପାଇଁ ସ୍ୱାଧୀନ ବାଗ, ଶିଶୁ ବୈଜ୍ଞାନିକ ଭାବରେ ରୋଜି ସାହୁ ଓ କମଳିନୀ ଭୁଏଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସର୍ବାଧିକ ଉପସ୍ଥାନ ତଥା ସମୟାନୁବର୍ତ୍ତିତା, ଶୃଙ୍ଖଳା, କଳା ହସ୍ତଶିଳ୍ପ, ନେତୃତ୍ୱ, ପରିଷ୍କାର ପରିଚ୍ଛନ୍ନତା, ଦାୟିତ୍ୱବୋଧ ଆଦି ବ୍ୟକ୍ତିଗତ ଓ ସାମାଜିକ ଗୁଣାବଳୀ ଉପରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ରୋଜି ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା। ଶିକ୍ଷକ ଶୁକଦେବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଲିପସା ସାହୁ ଓ ମିତାଶ୍ରୀ ତ୍ରିପାଠୀଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।




## ୭ମ ବିପିଏଲ୍ କ୍ରିକେଟ୍: ପାୱାର୍ ହିଟର୍ ଭେଡେନ ବିଜୟୀ




**ଭେଡେନ, ୧୯।୨(ସମିସ)**

ଭେଡେନସ୍ଥିତ ରଣଜିତା ମିନି ଷ୍ଟାଡିୟମରେ ଏଫସି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୭ତମ ଭେଡେନ ପ୍ରିମିୟର ଲିଗ (ବିପିଏଲ) କ୍ରିକେଟ ଟୁରଣାମେଣ୍ଟ ଆଜି ପାୱାର ହିଟର ଭେଡେନ ଓ ସାନଭି ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପାୱାର ହିଟର ଭେଡେନ ଦଳ ବ୍ୟାଟିଙ୍ଗ କରି ନିର୍ଧାରିତ ୧୫ଓଭରରେ ୭ ଉଇକେଟ ହରାଇ ୨୦୮ ରନ ସଂଗ୍ରହ କରିଥିଲା। ଜବାବରେ ସାନଭି ଇଲେଭେନ ଦଳ ୯ ଉଇକେଟ ହରାଇ ୧୭୬ ରନ କରିଥିଲା। ଫଳରେ ପାୱାର ହିଟର ଭେଡେନ ୩୨ ରନରେ ବିଜୟୀ ହୋଇଥିଲା। ପାୱାର ହିଟର ଭେଡେନ ଦଳର ଲିପୁନ ବେହେରା ୪ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଭାବରେ ବିବେଚିତ ହୋଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳକୁ ସୁନୀଲ ଅଦାବର ଓ ତେଜରାଜ ରୋହିଦାଶ ପରିଚାଳନା କରିଥିବାବେଳେ ସ୍କୋରର ଭାବରେ ଲୋଚନ ଭୋଇ ଦାଇତ୍ୱ ତୁଲାଇଥିଲେ। ଧାରା ବିବରଣୀ ଗୌର ଦେହେରି ପ୍ରଦାନ କରିଥିଲେ। ଅତିଥିଭାବରେ ଦେବାନନ ବେହେରା, ସ୍ୱାଧୀନ ରଥ ଓ ବିକାଶଚନ୍ଦ୍ର ନାଏକ ଯୋଗଦାନ କରିଥିଲେ।



ଆଜିଠାରୁ ମେଟ୍ରିକ ପରୀକ୍ଷା

# ଜିଲ୍ଲାର ଶହେ କେନ୍ଦ୍ରରେ ପରୀକ୍ଷାଦେବେ ୧୮ ୩୪୬ ଛାତ୍ରଛାତ୍ରୀ

ବରଗଡ଼,୧୯।୨(ସମିସ)

ମଙ୍ଗଳବାରଠାରୁ ଓଡ଼ିଶା ମାଧ୍ୟମିକ ବୋର୍ଡ଼ ପକ୍ଷରୁ ମେଟ୍ରିକ ପରୀକ୍ଷା ଆରମ୍ଭ ହେବ। ବରଗଡ଼ ଜିଲ୍ଲାରୁ ଚଳିତବର୍ଷ ଶହେଟି କେନ୍ଦ୍ରରେ ୧୮୩୪୬ ଜଣ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ବରଗଡ଼ ଜିଲ୍ଲା ଶିକ୍ଷାଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

ଅମ୍ବାଭୋନା ବ୍ଲକରେ ୪ଟି ପରୀକ୍ଷା କେନ୍ଦ୍ରରେ ୭୬୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ଅତାବିରାରେ ୧୦ କେନ୍ଦ୍ରରେ ୧୮୨୪ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ବରଗଡ଼ରେ ୧୨ କେନ୍ଦ୍ରରେ ୨୪୯୨ ଛାତ୍ରଛାତ୍ରୀ, ବରପାଲି ବ୍ଲକରେ ୭ କେନ୍ଦ୍ରରେ ୧୫୨୫ ଛାତ୍ରଛାତ୍ରୀ, ଭଟଲିରେ ୬ କେନ୍ଦ୍ରରେ ୧୧୨୪ ଛାତ୍ରଛାତ୍ରୀ, ଭେଡ଼େନରେ ୮ କେନ୍ଦ୍ରରେ ୧୪୨୧ ଛାତ୍ରଛାତ୍ରୀ, ବିଜେପୁରରେ ୮ କେନ୍ଦ୍ରରେ ୧୫୦୫ ଛାତ୍ରଛାତ୍ରୀ, ଗାଇସିଲାଟରେ ୭କେନ୍ଦ୍ରରେ ୧୩୩୭ ଛାତ୍ରଛାତ୍ରୀ, ଝାରବନ୍ଧରେ ୬ କେନ୍ଦ୍ରରେ ୧୦୭୬ ଛାତ୍ରଛାତ୍ରୀ, ପାଇକମାଳରେ ୧୦ କେନ୍ଦ୍ରରେ ୧୭୮୬ ଛାତ୍ରଛାତ୍ରୀ, ରାଜବୋଡ଼ାସମ୍ବରରେ ୧୦ କେନ୍ଦ୍ରରେ ୧୯୨୬ ଛାତ୍ରଛାତ୍ରୀ ଓ ସୋହେଲା ବ୍ଲକର ୮ କେନ୍ଦ୍ରରେ ୧୫୬୮ ଛାତ୍ରଛାତ୍ରୀ ପରୀକ୍ଷାର୍ଥୀ ରହିଥିବା




ସୂଚନା ମିଳିଛି। ପଦ୍ମପୁର ରାଜବୋଡ଼ାସମ୍ବର ହାଇସ୍କୁଲ, ଏସଜେ ହାଇସ୍କୁଲ ଭେଡ଼େନ ଓ ପାଇକମାଳ ନୋଡ଼ାଲ ହାଇସ୍କୁଲରେ ମଧ୍ୟମା କେନ୍ଦ୍ର କରାଯାଇଥିବା ବେଳେ ବରଗଡ଼ ଜର୍ଜ ହାଇସ୍କୁଲରେ ଏସଓଏସସି ସେଣ୍ଟର କରାଯାଇଛି। ଅନୁରୂପ ଭାବେ ଜିଲ୍ଲାରେ ମୋଟ ୧୦୩ ଜଣ ମଧ୍ୟମା ଓ ୫୦ ଜଣ ଏସଓଏସସି ପରୀକ୍ଷାର୍ଥୀ ରହିଛନ୍ତି। ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ଓ ପୁଲିସ ଫୋର୍ସ ଉପସ୍ଥିତ ରହିବାକୁ ଥିବା ବେଳେ କେତେକ କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ଆସନ୍ତାକାଲି ୨୦ ତାରିଖଠାରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚଳିତବର୍ଷର ମେଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ।

## ଶିକ୍ଷା ବିଭାଗ ପ୍ରସ୍ତୁତି ଚୂଡ଼ାନ୍ତ

**ବରଗଡ଼, ୧୯।୨(ସମିସ):** ବରଗଡ଼ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଫେବୃୟାରୀ ୨୦ ତାରିଖରୁ ହେବାକୁ ଥିବା ମେଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ଏକ ଚୂଡ଼ାନ୍ତ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ ପରୀକ୍ଷା ସୁପରିଚାଳନା ପାଇ ବୋର୍ଡ ପକ୍ଷରୁ ଜାରୀ କରାଯାଇଥିବା ଗାଇଡ ଲାଇନ୍ ସମ୍ବନ୍ଧରେ ନିରୀକ୍ଷକମାନଙ୍କୁ ଅବଗତ କରାଇଥିଲେ। ସେହିପରି ପ୍ରଧାନଶିକ୍ଷକ ରଥ ପରୀକ୍ଷାର ସଠିକ ପରିଚାଳନା ପାଇଁ ଉପସ୍ଥିତ ନିରୀକ୍ଷକମାନଙ୍କୁ ସୂଚନା ପ୍ରଦାନ କରିଥିଲେ।




ଆଇଆଇଟି-ଜେଇଇ (ମେନ୍) ୨୦୨୪ ସ୍ୱେଲ୍-୧ ପ୍ରବେଶିକା ପରୀକ୍ଷା

# ଅରିନ୍ ଏବଂ ସତ୍ୟମ୍ ସାଇ ସଫଳତାର ଶୀର୍ଷରେ

**ବରଗଡ଼, ୧୯।୨(ସମିସ):** ଚଳିତବର୍ଷର ପ୍ରକାଶିତ ଆଇଆଇଟି-ଜେଇଇ (ମେନ୍) ସ୍ୱେଲ୍-୧ ପ୍ରବେଶିକା ପରୀକ୍ଷାରେ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ରାଜ୍ୟରୁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କ୍ରିଷ୍ଣା



ବିକାଶ, ବରଗଡ଼ର ୬ଜଣ ଛାତ୍ରଛାତ୍ରୀ ୯୮ ପର୍‌ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ, ୧୪ଜଣ ୯୭ପର୍ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ, ୨୩ଜଣ ୯୫ପର୍ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ ଏବଂ ୯୨ ଛାତ୍ରଛାତ୍ରୀ ୨୦୨୩

**କ୍ରିଷ୍ଣା ବିକାଶର ୨୩ ଛାତ୍ରଛାତ୍ରୀ ୯୫ ପର୍‌ସେଣ୍ଟାଇଲ୍ ଉର୍ଦ୍ଧ୍ୱରେ ଓ ୯୨ ଛାତ୍ରଛାତ୍ରୀ ସଫଳ**

ଜେଇଇର ନିର୍ଦ୍ଧାରିତ କଟ୍‌ଅଫ୍ ପର୍ସେଣ୍ଟାଇଲ୍ ରୁ ଉର୍ଦ୍ଧ୍ୱ ମାର୍କ ରଖି ୨୦୨୪ ପରୀକ୍ଷା ଫଳାଫଳରେ କୃତିତ୍ୱ ହାସଲ କରିବେ ବୋଲି ପ୍ରକାଶ କରିଛନ୍ତି।

କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର୍ ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି ପରୀକ୍ଷା ଫଳାଫଳ ବିଷୟରେ ସବିଶେଷ ବିବରଣୀ ଦେଇ କହିଛନ୍ତି ଯେ ପ୍ରତୀକ ୯୮.୮୪ପର୍ସେଣ୍ଟାଇଲ୍, ପ୍ରିୟଙ୍କ ୯୮.୮୩ପର୍ସେଣ୍ଟାଇଲ୍, ଅରିନ୍ ୯୮.୫୧ପର୍ସେଣ୍ଟାଇଲ୍, ବିପ୍ରାଂଶୁ ୯୮.୩୫ପର୍ସେଣ୍ଟାଇଲ୍, ମନୀଷା ୯୮.୧୨ପର୍ସେଣ୍ଟାଇଲ୍, ଖୁସି ୯୮.୧୧ପର୍ସେଣ୍ଟାଇଲ୍, ସୌମ୍ୟା ୯୭.୯୪ପର୍ସେଣ୍ଟାଇଲ୍, ଶୁଭାଶିଷ ୯୭.୯୨ପର୍ସେଣ୍ଟାଇଲ୍, ସତ୍ୟମ ସାଇ ୯୭.୯୧ପର୍ସେଣ୍ଟାଇଲ୍, ରିତେଶ ୯୭.୭୩ପର୍ସେଣ୍ଟାଇଲ୍, ଅର୍‌ମାନ୍ ୯୭.୨୩ପର୍ସେଣ୍ଟାଇଲ୍, ପ୍ରିତିଦେବ ୯୭.୨୦ପର୍ସେଣ୍ଟାଇଲ୍, ପୋଲସ୍ତ୍ୟ ୯୭.୧୧ପର୍ସେଣ୍ଟାଇଲ୍, ମଧୁସୁଦନ ୯୭.୦୯ପର୍ସେଣ୍ଟାଇଲ୍ ସହ ତାଲିକାର ଶ୍ରେଷ୍ଠରେ ରହିଛନ୍ତି। ପଦାର୍ଥ ବିଜ୍ଞାନ ରେ ଅରିନ୍ ୧୦୦ପର୍ସେଣ୍ଟାଇଲ୍, ଖୁସି ୯୯.୮୯ପର୍ସେଣ୍ଟାଇଲ୍, ସୌମ୍ୟା ୯୯.୬୯ ପର୍ସେଣ୍ଟାଇଲ୍, ପୋଲସ୍ତ୍ୟ ୯୯.୪୫ ପର୍ସେଣ୍ଟାଇଲ୍, ଅର୍‌ମାନ୍ ୯୯.୩୭ ପର୍ସେଣ୍ଟାଇଲ୍, ପ୍ରତୀକ ୯୯.୩୩ ପର୍ସେଣ୍ଟାଇଲ୍, ପ୍ରିୟଦର୍ଶନ ୯୯.୨୧ ପର୍ସେଣ୍ଟାଇଲ୍ ରଖି ସଫଳ ହୋଇଥିବାବେଳେ ରସାୟନ ବିଜ୍ଞାନ ରେ ସତ୍ୟମ ସାଇ ୧୦୦ ପର୍ସେଣ୍ଟାଇଲ୍, ଅରିନ୍ ୯୯.୯୪ପର୍ସେଣ୍ଟାଇଲ୍, ଓଜସ୍ୱୀ ୯୯.୮୨ପର୍ସେଣ୍ଟାଇଲ୍, ବିପ୍ରାଂଶୁ ୯୯.୮୨ପର୍ସେଣ୍ଟାଇଲ୍, ହର୍ଷିତା ୯୯.୫୯ପର୍ସେଣ୍ଟାଇଲ୍, ମନୀଷା ୯୯.୪୮ପର୍ସେଣ୍ଟାଇଲ୍, ଚିନ୍ମୟାନନ୍ଦ ୯୯.୪୭ପର୍ସେଣ୍ଟାଇଲ୍, ପ୍ରତୀକ ୯୯.୪୧ପର୍ସେଣ୍ଟାଇଲ୍, ଶୁଭାଶିଷ ୯୯.୩୭ପର୍ସେଣ୍ଟାଇଲ୍ ଏବଂ ଅର୍‌ମାନ୍ ୯୯.୩୭ ପର୍ସେଣ୍ଟାଇଲ୍ ରଖିଛନ୍ତି।

ଜେଇଇ ମେନ୍ ସ୍ୱେଲ୍-୧ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା ପାଇଁ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି.ମୁରଲୀ କ୍ରିଷ୍ଣା ବିକାଶରେ ଚାଲିଥିବା ସେଣ୍ଟ୍ରାଲାଇଜଡ୍ ଏଣ୍ଟ୍ରାନ୍ସ୍ ଏକାଡେମୀର ପାଠ୍ୟ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ (ସିନିୟର୍ ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାଙ୍କ ପରିଶ୍ରମକୁ ସଫଳତାର ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ହେବାକୁ ଜେଇଇ ମେନ୍ ସ୍ୱେଲ୍-୨, ଆଇଆଇଟି ଜେଇଇ ଏଡ୍‌ଭାନ୍ସଡ୍, ଏନ୍‌ଟିଏ-ନିଟ୍ (ମେଡିକାଲ୍), ସିୟୁଇଟି, ସିଏ, କ୍ଲାଡ୍, ଏନ୍‌ଡିଏ ଏବଂ ବୋର୍ଡ ପରୀକ୍ଷା ମାନଙ୍କରେ କ୍ରିଷ୍ଣା ବିକାଶ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ସହ ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ଆଶା ପୋଷଣ କରିଛନ୍ତି। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ ସମସ୍ତ ସଫଳ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୫ କେଜି ଗଞ୍ଜେଇ ସହ ଜଣେ ଗିରଫ

**ଦହିତା, ୧୯।୨ (ସମିସ):** ବେଆଇନ ନିଶାଦ୍ରବ୍ୟକୁ ବନ୍ଦ କରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଜୋରଦାର ଚଢଉ ଚାଲିଛି। ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ସମରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଏକ ଟିମ ଖବର ପାଇ ଖଇରପାଲି ଗ୍ରାମର ଭୀମସେନ ମେହେରଙ୍କ ଘରେ ଚଢଉ କରିଥିଲେ। ତାଙ୍କଠାରୁ ୫.୧୦୦ ଗ୍ରାମ ଗଞ୍ଜେଇ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢଉରେ ଅବକାରୀ ଥାନାଧିକାରୀ ଲକ୍ଷ୍ମିଧର ମାଝି, ସବଇନ୍ସପେକ୍ଟର ଗୀତାଞ୍ଜଳି କୁମ୍ଭାର, ଏଏସଆଇ ଦେବେନ୍ଦ୍ର ବରିହା ଓ ସହକର୍ମୀ ସାମିଲ ଥିଲେ।



ଏସ ଡୁମେରପାଲିରେ ପାଠାଗାରର ନୂତନ ଗୃହ ଲୋକାର୍ପଣ

## ଜ୍ଞାନର ରଶ୍ମି ବିତରଣ କରେ ପାଠାଗାର

**ବରଗଡ଼, ୧୯।୨(ସମିସ):** ପାଠାଗାର ହେଉଛି ଜ୍ଞାନର ଗନ୍ତାଘର। ପାଠକଙ୍କୁ ପାଠାଗାର ହିଁ ଜ୍ଞାନର ରଶ୍ମି ବିତରଣ କରିଥାଏ ବୋଲି ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଏସ ଡୁମେରପାଲି ଜ୍ଞାନରଶ୍ମି ପାଠାଗାରର ନୂତନ ଗୃହ ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ଅତିଥିଗଣ ମତ ପ୍ରକାଶ କରିଛନ୍ତି। ପିତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବେ ପାଠାଗାରର ନୂତନ ଗୃହ ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ବିଧାୟକ ତଥା ଜିଲ୍ଲା




ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଜ୍ଞାନ ରଶ୍ମି ପାଠାଗାର କେବଳ ପାଠାଗାରରେ ସୀମିତ ନ ରହି ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ ରଖିଥିବାରୁ ଧନ୍ୟବାଦ ଜଣାଇ ପାଠାଗାର ଏ ଅଞ୍ଚଳରେ ଜ୍ଞାନର ରଶ୍ମି ବିତରଣ କରୁ ବୋଲି ଉଲ୍ଲେଖ କରିଥିଲେ। ପୂର୍ବତନ ସାଂସଦ ଡ଼ ପ୍ରଭାସ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲ୍ଲା ପରିଷଦ ସଭ୍ୟ ପ୍ରଭାସିନୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବରିଷ୍ଠ ଆଇନଜୀବୀ ରାମପ୍ରସାଦ ସାହୁ, ସ୍ଥାନୀୟ ସରପଞ୍ଚ ଯୋଗେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରାକ୍ତନ ଅଧ୍ୟକ୍ଷ ଡ ପ୍ରଦୀପ ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ତେବେ ପାଠାଗାରର ସଭାପତି ଦ୍ୱାରିକାନାଥ ମାଝୀ ଏହି ପାଠାଗାରର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ନୂତନ ଗୃହ ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଇ ଦେଇଥିବାରୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ବି ତାଙ୍କ ସହଯୋଗ କାମନା କରିଥିଲେ। ପାଠାଗାରର ସମ୍ପାଦକ ହୃଦାନନ୍ଦ ନାଏକ ବାର୍ଷିକ ବିବରଣୀ ଉପସ୍ଥାପନ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାଠାଗାରର ସମସ୍ତ ସଦସ୍ୟ ସହଯୋଗ କରିଥିବା ବେଳେ ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ତୁର୍ଲାରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ପଦ୍ମପୁର/ଝାରବନ୍ଧ, ୧୯।୨ (ସମିସ):** ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ତୁର୍ଲା ଗ୍ରାମରେ ପଦ୍ମପୁର ସହରର ସ୍ୱର୍ଗତଃ ଭାରତ ଭୂଷଣ ମେହେରଙ୍କ ସୁପୁତ୍ର ବିଜୁ ଜନତା ଦଳର ବରିଷ୍ଠ ସଙ୍ଗଠକ ପ୍ରୀତମ ମେହେରଙ୍କ ତତ୍ତ୍ୱାବଧାନରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ରାୟପୁର ରିମ୍ସ ହସପିଟାଲର ଅଭିଜ୍ଞ ଡାକ୍ତରୀ ଦଳ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆବଶ୍ୟକସ୍ଥଳେ ମାଗଣାରେ ଔଷଧ ପ୍ରଦାନ କରିଥିଲ। ଶ୍ରୀ ମେହେର ସ୍ୱାସ୍ଥ୍ୟ ସବା ଶିବିର ଆୟୋଜନ କରି ଗରିବ ନିରୀହ ଜନସାଧାରଣଙ୍କ ବେଶ୍ ପ୍ରିୟପାତ୍ର ହୋଇପାରିଛନ୍ତି। ସେ ବର୍ତ୍ତମାନ ପଦ୍ମପୁର ନିର୍ବାଚନମଣ୍ଡଳୀର ବେଶ୍ ଚର୍ଚ୍ଚିତ ଚେହେରା। ଗିରିଶ କଲେତ, ମାଳତୀ ବିଶି, ଧନଞ୍ଜୟ ସାହୁ , ବଦନ, ପ୍ରେମ ଓ ଗ୍ରାମବାସୀ ସହଯୋଗ କରିଥିଲେ।

ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି

## ୮୩ ଜଣଙ୍କ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲ୍ଲାପାଳ



**ବରଗଡ଼, ୧୯।୨ (ସମିସ):** ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରଗଡ଼ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏସପି ପ୍ରହଲ୍ଲାଦ ମୀନା, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ କୁମାର ନାଗଭୂଷଣ, ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝୀ, ଜିଲ୍ଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପ, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ବରଗଡ଼ ବିଡିଓ ଚିନ୍ମୟ ମହାନନ୍ଦ, ବରଗଡ଼ ତହସିଲଦାର ବେରକୁସ ଡୁଙ୍ଗଡୁଙ୍ଗ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ। ୮୩ ଜଣ ଅଭିଯୋଗକାରୀଙ୍କ ବିଭିନ୍ନ ସମସ୍ୟାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତ୍ୟକ୍ଷ ଭାବେ ବୁଝିଥିଲେ।

## ଏସ୍‌ଡିଏ ଅଧ୍ୟକ୍ଷାଙ୍କ ଗଣ୍ଡପାଲି ପରିଦର୍ଶନ

**ପଦ୍ମପୁର, ୧୯।୨ (ସମିସ):** ପଦ୍ମପୁର ଉପଖଣ୍ଡ କେର୍ମେଲାବାହାଲ ଗ୍ରାମପଞ୍ଚାୟତ ଅଧୀନସ୍ଥ ଗଣ୍ଡପାଲି ଗ୍ରାମକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶୀଳା ଭୋଇ ପରିଦର୍ଶନ କରି ଆଦିବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମବାସୀ ଅଧ୍ୟକ୍ଷାଙ୍କ ଭବ୍ୟ ସ୍ୱାଗତ କରିଥିଲେ। ପରିଷଦର ଲକ୍ଷ୍ୟ, ଉଦ୍ଦେଶ୍ୟ, କାର୍ଯ୍ୟକାରିତା, ଆଦିବାସୀ ଐତିହ୍ୟ, ସଂସ୍କୃତି, ଆଦିବାସୀଙ୍କ ଶିକ୍ଷା, ସାମଗ୍ରିକ ଉନ୍ନତି ସଂପର୍କରେ ଆଲୋଚନା କରିଥିଲେ। ଆଦିବାସୀଙ୍କ ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଥିବାରୁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଦିବ୍ୟାଙ୍ଗ ବିକାଶ ମଞ୍ଚର ଦାବିପତ୍ର

**ପଦ୍ମପୁର, ୧୯।୨ (ସମିସ):** ପଦ୍ମପୁର ଉପଖଣ୍ଡ ରାଜବୋଡାସମ୍ବର ଦିବ୍ୟାଙ୍ଗ ବିକାଶ ମଞ୍ଚର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସେମାନେ ପଦ୍ମପୁରକୁ ଜିଲ୍ଲା କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ବରଗଡକୁ ଯିବାକୁ ହେଲେ ସୀମାନ୍ତରୁ ୧୫୦ କିମିରୁ ଅଧିକ ଦରତା ହେଉଛି। ଅସୁବିଧାବଶତଃ କାମ ନ ସରିଲେ ରାତ୍ରିରେ ରହିବାକୁ ହେଉଛି,ନଚେତ ପୁଣି ଅନ୍ୟଦିନ ଯିବାକୁ ହେଉଛି। ଜଣେ ଦିବ୍ୟାଙ୍ଗ ପ୍ରତି ଯାହା ଅସମ୍ଭବ ଓ ଅନ୍ୟାୟ ହେଉଥିବା ଦର୍ଶାଇ ପଦ୍ମପୁରକୁ ଶୀଘ୍ର ଜିଲ୍ଲା ଘୋଷଣା କରିବାକୁ ଦାବି କରିଛନ୍ତି।

# ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା








**ପାଇକମାଳ/ଝାରବନ୍ଧ/ଭଟଲି/ବରଗଡ଼, ୧୯।୨ (ସମିସ)**

ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଆର୍ତ୍ତତ୍ରାଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ ଓ ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା, ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ରାଉତ, ସରପଞ୍ଚ ଆର୍ତ୍ତତ୍ରାଣ ସାହୁ, ପାଇକମାଳ ବ୍ଲକ ବିଜୁ ଯୁବ ଜନତା ସଭାପତି ଗୌତମ ସିଂ, ପାଇକମାଳ ବିଜୁ ଯୁବ ଜନତା ଦଳ ଉପସଭାପତି ଶରତ ତାଣ୍ଡି, ଜାମସେଠ ପୂର୍ବତନ ସରପଞ୍ଚ ରମ୍ଭା ତାଣ୍ଡି, ଦଶରଥ ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତର ବିକାଶ ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଆଶାକର୍ମୀ, ଅଙ୍ଗନବାଡି କର୍ମୀ, ସିଆରପି, ଏମବିକେ ଉପସ୍ଥିତ ଥିଲେ। ନରୋତ୍ତମ ମାଝୀ, ମଦନ ଭୋଇ, ଜିତୁନ ପଟ୍ଟନାୟକ, ନଟବର ପ୍ରଧାନ, ଅକ୍ଷୟ ପ୍ରଧାନ, ନେତ୍ର ରଣା, ଧନମତୀ ପୂଝାରୀ ସମେତ ଗ୍ରାମବାସୀ ସହଯୋଗ କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ମନୋଜ ମହାନନ୍ଦ ଧନ୍ୟବାଦ ଦେଇଥିଲେ।

ଝାରବନ୍ଧ ବ୍ଲକ କନ୍ଦାଡ଼ଙ୍ଗର ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟ ବିଷୟରେ ଜନସାଧାରଣଙ୍କୁ ସୂଚନା ଦିଆଯାଇଛି। ଗ୍ରାମପଞ୍ଚାୟତର ବିକାଶ ମୂଳକ ପତ୍ରିକାକୁ ଉନ୍ମୋଚନ କରି ସର୍ବସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ସରପଞ୍ଚ ସୁନୀଲ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ ମରେଇ, ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଧ୍ରୁବଚରଣ ହାତୀ, ପୂର୍ବତନ ସମିତିସଭ୍ୟ ଚନ୍ଦ୍ରଶେଖର ପଟେଲ, ସମିତିସଭ୍ୟା ଲକ୍ଷ୍ମୀବାଈ ସିଦାର, ସହକାରୀ କୃଷି ଅଧିକାରୀ ଗୌରାଙ୍ଗ ଚରଣ ମହାରଣା, ପୂର୍ବତନ ସରପଞ୍ଚ ଜୟପତି ଶଗର, ଶ୍ରୀହରି ବରିହା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ସଦାଶିବ ମାଝୀ, ଜିଆରଏସ ଜୟନ୍ତ ଭୋଇ, ଯୋଗାଣ ସହାୟକ ଗୋପାଳ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ। ସିଆରପି ପ୍ରିୟଙ୍କା ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଗ୍ରାମପଞ୍ଚାୟତର ସ୍ୱାସ୍ଥ୍ୟକର୍ମୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ, ୱାର୍ଡସଭ୍ୟ, ଏସଏଚଜି



ଗ୍ରୁପ ସଭ୍ୟାମାନେ ଉପସ୍ଥିତ ଥିଲେ। ସମସ୍ତ ପୂର୍ବତନ ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟଙ୍କୁ ଉପଢୌକନ ଦେଇ ସରପଞ୍ଚ ସୁନୀଲ ରାୟ ସମ୍ବର୍ଦ୍ଧନା ଦେଇଥିଲେ। ଡୁଡୁକିଦାଦରର ଶିଶୁ କଳାକାର ପରମାନନ୍ଦ ବାଗ, କୃଶ ବରିହା, ସ୍ନେହା ବାଗ ନିଶା ନିବାରଣ ସଂପର୍କିତ ଅଭିନୟ କରିଥିଲେ। ଲୋକକଳା ମାଧ୍ୟମରେ ସରକାରଙ୍କ ଯୋଜନାକୁ ବୁଝାଇଥିଲେ।

ଭଟଲି ବ୍ଲକ ସଦର ଭଟଲି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରମୋଦିନୀ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପିଇଓ ପ୍ରକାଶଚନ୍ଦ୍ର ସାହୁ ସଂଯୋଜନା କରିଥିଲେ। ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ଲଳିତା ବାଗ, ଜିଲ୍ଲା ପରିଷଦ ସଦସ୍ୟ ଈଶ୍ୱରଚନ୍ଦ୍ର ସାହୁ, ବିଡିଓ ହରେକୃଷ୍ଣ ମେହେର, ଏବିଡିଓ ଜ୍ୟୋସ୍ନାରାଣୀ ଗଡତିଆ, ବିପିଏମ ଶରତ ନାଏକ, ଆସିଡିଏସ ସୁପରଭାଇଜର ରାଜକୁମାରୀ ମେହେର ପ୍ରମୁଖ ଯୋଗ ଦେଇଥିଲେ। ସମ୍ବଲପୁରୀ ବ୍ୟଙ୍ଗକବି ଦେବେନ୍ଦ୍ର ସାହୁଙ୍କ ସଂଯୋଜନାରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କବି ନକୁଳ ମେହେର, କିଶୋର ସାହୁ, ଭରତ ନାଏକ ଏବଂ ମନୋରଞ୍ଜନ ଲୁହା ଯୋଗ ଦେଇଥିଲେ। ପଞ୍ଚାୟତ ବିକାଶରେ ରାଜ୍ୟ ସରକାରଙ୍କ ସହଭାଗିତାର ଏକ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମିଶନ ଶକ୍ତି ମହିଳା, ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କ ସମେତ ଶତାଧିକ ଲୋକ ଯୋଗ ଦେଇଥିଲେ। ଯୋଗାଣ ସହାୟିକା ରୀତା ବଢେଇ, ସୀତା ତାଣ୍ଡି, ଜିଆରଏସ ଦେବାଶିଷ ମିଶ୍ର, ଭଞ୍ଜନ ନାଏକ ସହଯୋଗ କରିଥିଲେ।

ବରଗଡ଼ ୱାର୍ଡ ନମ୍ବର୍ ୯ ଭିଏସଏସ୍ ନଗରଠାରେ କାଉନସିଲର ପ୍ରିୟା ତାଣ୍ଡିଙ୍କ ସଂଯୋଜନାରେ 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲାର ଗୌରବ ଅରୁଣା ଘିବିଲା ଓ ଅନୁପମା ଘିବିଲା ଭଉଣୀଦ୍ୱୟଙ୍କୁ କାଉନସିଲର ତାଣ୍ଡି ଆମନ୍ତ୍ରଣ କରି ସମ୍ମାନିତ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ପୌରନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ସମାଜସେବୀ କମଳ ତାଣ୍ଡି ଓ ଆହୁରି ଅନେକ ଅଧିକାରୀ ଉପସ୍ଥିତ ଥିଲେ।

# ବିଜେପି ଅଫିସ୍ ଆଗରେ ବିକ୍ଷୋଭ, ଜିଲ୍ଲାପାଳଙ୍କୁ ଦାବିପତ୍ର

**ସମ୍ବଲପୁର, ୧୯।୨(ସମିସ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରଛାତ୍ରୀଙ୍କ ଅସନ୍ତୋଷ





ଆଜି ଉଗ୍ର ରୂପ ନେଇଛି। କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଯଥା ନବୋଦୟ ବିଦ୍ୟାଳୟ ସମିତି, କେନ୍ଦ୍ରୀୟ ବିଦ୍ୟାଳୟ ସମିତି ଓ ଏକଲବ୍ୟ ମଡେଲ ଭଳି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନିଯୁକ୍ତି ପ୍ରସଙ୍ଗକୁ ନେଇ ଆଜି ରାସ୍ତାକୁ ଓହ୍ଲାଇଥିଲେ। ଜିଲ୍ଲା ପ୍ରଶାସନକୁ ଦାବିପତ୍ର ଦେବା ସହ କଚେରୀ ସ୍ଥିତ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ପରେ ବିଜେପି ନେତା ସମୀର ବାବୁ ଆସି ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ପିଲାଙ୍କ ସମସ୍ୟା ଜଣାଇବେ ବୋଲି କହିଥିଲେ। ଅଭିଯୋଗ କ୍ରମେ ଉକ୍ତ ପାଠ୍ୟକ୍ରମରେ ପ୍ରତିବର୍ଷ ୧୦୦ଜଣ ଛାତ୍ରଛାତ୍ରୀ ପାସ୍ କରୁଛନ୍ତି। ସ୍ୱୀକୃତିପ୍ରାପ୍ତ ହେବାପରେ ମଧ୍ୟ କେନ୍ଦ୍ର ଶିକ୍ଷାନୁଷ୍ଠାନ ତାକୁ ଗ୍ରହଣ କରୁନାହାନ୍ତି। ଏ ସମ୍ପର୍କରେ ପୂର୍ବରୁ ଅଭିଯୋଗେ କରାଯାଇଥିବା ସତ୍ତ୍ୱେ ସନ୍ତୋଷଜନକ ପ୍ରତିଉତ୍ତର ମିଳି ନାହିଁ। ତେଣୁ ବାଧହୋଇ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ରାଲି କରିଥିଲେ। କୁଳପତିଙ୍କୁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ନିକଟକୁ ଦାବିପତ୍ର ପଠେଇବା ପାଇଁ ଦାବି କରିଥିଲେ। ସକାଳ ୯ଟାରୁ ଅପରାହ୍ଣ

**ଉଗ୍ର ହେଉଛି ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରଛାତ୍ରୀଙ୍କ ଅସନ୍ତୋଷ**

୧୧ଟା ପର୍ଯ୍ୟନ୍ତ ଉପସ୍ଥିତ ରହି କୁଳପତିଙ୍କ ଦରଖାସ୍ତ ଅନୁମୋଦନ ହେବା ପରେ ଧାରଣା ପ୍ରତ୍ୟାହାର କରିଥିଲେ। ମୋନାଲିସା ପାତ୍ର, ପ୍ରଞ୍ଜାଲିସ୍ମା ପଣ୍ଡା, ସୋନାଲି ମହନ୍ତ, ଅନୁଜ ଛତ୍ରିଆ, ଦେବେଶ ସାହୁ, ଶାସ୍ୱତ ପାଣ୍ଡ୍ୟା, ଅମିତ୍ ଖୋସଲା, ଅନନ୍ୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜ୍ୟପୂଜାଙ୍କୁ ଏ କି ସମ୍ମାନ?



**ସମ୍ବଲପୁର, ୧୯।୨(ସମିସ):** ସମ୍ବଲପୁର ସହରକୁ ସୁନ୍ଦର କରିବା ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସମଲେଇ ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଦୁଇମାସ ଆଗରୁ ସହରର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଛି। ସହରର ଗଳିକନ୍ଦି ସବୁଆଡ଼େ ଚିତ୍ର କରାଯାଇଛି। କାରିଗରଙ୍କ ହାତ ଯାଦୁରେ କାନ୍ଥିଗୁଡ଼ିକ ଜୀବନ୍ତ ହୋଇପଡ଼ିଛି। କିନ୍ତୁ ଜିଏମ୍ କଲେଜ ପାଚେରୀରେ ଅଙ୍କା ଯାଇଥିବା ଚିତ୍ର ଅଳିଆଗଦା ପାଇଁ ସୌନ୍ଦର୍ଯ୍ୟ ହରାଉଛି। ଚିତ୍ର ଆଗରେ କୁଢ଼କୁଢ଼ ଅଳିଆ ଗଦା ହୋଇଛି। ଜିଲ୍ଲା ତଥା ଜିଲ୍ଲା ବାହାରୁ ପର୍ଯ୍ୟଟକମାନେ ନିତିଦିନ ସମ୍ବଲପୁରକୁ ଆସୁଛନ୍ତି। ପରିକ୍ରମା ପ୍ରକଳ୍ପ ପରେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବାରେ ଲାଗିଛି। ସହରର ପ୍ରମୁଖ ରାସ୍ତା ଗୁଡ଼ିକର ପାର୍ଶ୍ୱରେ ଥିବା କାନ୍ଥଗୁଡ଼ିକରେ ସମ୍ବଲପୁରୀ କଳା, ସାହିତ୍ୟ, ପରମ୍ପରା, ଐତିହ୍ୟ ସମ୍ପର୍କରେ ଚିତ୍ର ଦ୍ୱାରା ଜୀବନ୍ତ କରାଯାଉଛି। ଚିତ୍ରରେ ଅଙ୍କା ଯାଇଥିବା ମହାପୁରଷଙ୍କ ଫଟୋ ଆଗରେ କୁଢ଼କୁଢ଼ ଅଳିଆ ପଡ଼ିରହିଛି ତାକୁ ଠିକ୍ ଭାବରେ ଉଠାଉ ନଥିବା ଅଭିଯୋଗ ହେଉଛି। ଏହି କାନ୍ଥ ଗୁଡ଼ିକ ସମ୍ବଲପୁର ପ୍ରଶାସନ ଓ ବିଭିନ୍ନ ବିଭାଗର ମିଳିତ ଉଦ୍ୟମରେ ସଜେଇ ହେଉଛି। ସହରର ପ୍ରମୁଖ କାନ୍ଥବାଡ଼ରେ ଆକର୍ଷଣୀୟ ଚିତ୍ରକଳା ଶୋଭାପାଉଛି। ଚିତ୍ର ଶିଳ୍ପୀମାନେ ନିଜ କଳାର ଯାଦୁଗରିରେ କାନ୍ଥବାଡ଼ରେ ନିଖୁଣ ଭାବେ ଆଙ୍କୁଛନ୍ତି। କିନ୍ତୁ ଏସବୁ ଚିତ୍ର ଏବେ ଅଳିଆଗଦା ଆଗରେ ଫିକା ପଡ଼ିଯାଉଛି। ସହରକୁ ସୁନ୍ଦର କରିବାରେ ପ୍ରଶାସନ ଆଗଉଥିବାବେଳେ ଏସ୍ଏମ୍ସି ତାକୁ ଫେଲ୍ କରିଦେଉଛି।

**ଅଳିଆଗଦା ପଛରେ ରହିଯାଉଛି ସହର ସୌନ୍ଦର୍ଯ୍ୟକରଣ**

## ଯୁବକଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

**ସମ୍ବଲପୁର, ୧୯।୨ (ସମିସ):** ଦିନଦ୍ୱିପହରେ କ୍ଷେତରାଜପୁର ଥାନା କୁସୁମପଡ଼ାର ରିଙ୍କୁ ନନ୍ଦ (୪୦)ଙ୍କୁ ନିର୍ମମ ଭାବେ ଖଟ ମଟୁଆ ମୁଣ୍ଡରେ ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ଅକୁଳ ବନ୍ଛୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ରିଙ୍କୁଙ୍କ ପୁତୁରା ଉପରେ ଆସିଥିବା ଚୋର ଅଭିଯୋଗ ଉପରେ ସମାଧାନ କରିବାକୁ ଯାଇଥିବା ସମୟରେ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି। ଏସ୍ଡିପିଓ ତୋଫାନ ବାଗ କହିଛନ୍ତି, ଘରୁ ଚୋରି ମାମଲାରେ ରିଙ୍କୁ ପୁତୁରାକୁ ଅଭିଯୁକ୍ତ ଅକୁଳ ସନ୍ଦେହ କରିଥିଲେ। ପଚାରା ଉଚୁରା କରିଥିଲେ। ଏହାକୁ ନେଇ ରିଙ୍କୁ ସମାଧାନ କରିବା ଓ ଆକ୍ରୋଶମୂଳକ ଭାବେ ପଡ଼ାକୁ ଯାଇଥିଲେ। ଏହି ସମୟରେ ଖଟପୁଆରେ ପଛପଟେ ଆକ୍ରମଣ କରିଥିଲେ। ମୁଣ୍ଡରେ ମାଡ଼ ମାରିବା ଫଳରେ ଘଟଣାସ୍ଥଳରେ ରିଙ୍କୁ ଗୁରୁତର ହୋଇପଡ଼ିଥିଲେ। କିଛି ସମୟରେ ପରେ ପ୍ରାଣ ହରାଇଥିଲେ। ଭିମସାର ନେଇଥିଲେ ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବହୃତ ଖଟ ପୁଆ ମଧ୍ୟ ଜବତ ହୋଇଛି।

## ମେଟ୍ରିମୋନି ସାଇଟ୍‌ରେ ବନ୍ଧୁତା ମହଙ୍ଗା ପଡ଼ିଲା

**ସମ୍ବଲପୁର, ୧୯।୨(ସମିସ):** ମେଟ୍ରିମୋନି ସାଇଟ୍‌ରେ ବନ୍ଧୁତା କରିବା ଜଣେ ଯୁବତୀଙ୍କୁ ମହଙ୍ଗା ପଡ଼ିଛି। ଘନିଷ୍ଠ ବନ୍ଧୁତା ସ୍ଥାପନ କରି ଚିକିତ୍ସା ଆଳରେ ଲୁଟ୍‌ର ଶିକାର ହୋଇଛନ୍ତି। ସଦର ଥାନା ଅଞ୍ଚଳରେ ଏଭିଳି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସଦରଥାନା ଅଞ୍ଚଳର ଜଣୈକା ଯୁବତୀ ମେଟ୍ରିମନି ସାଇଟ୍‌ରେ ଏକ ଯୁବକ ସହ ପରିଚିତ ହୋଇଥିଲେ। ପରେ ବନ୍ଧୁତା ମଧ୍ୟ ସ୍ଥାପିତ ହୋଇଥିଲା। ଆସ୍ତେ ଆସ୍ତେ ଉକ୍ତ ଯୁବକ ଜଣକ ମହିଳାଙ୍କ ଘନିଷ୍ଠ ବନ୍ଧୁ ମଧ୍ୟ ହୋଇଥିଲା। ଏହାର ଫାଇଦା ନେଇ ଯୁବକ ଜଣକ ଉତ୍ତମ ଚିକିତ୍ସା କରିବା ପାଇଁ ଟଙ୍କା ଆବଶ୍ୟକ ବୋଲି ଯୁବତୀଙ୍କୁ ଜଣାଇଥିଲା। ସାଙ୍ଗ ହିସାବରେ ଯୁବକଙ୍କୁ ବିଶ୍ୱାସ କରି ଯୁବତୀ ଟଙ୍କା ମଧ୍ୟ ଦେଇଥିଲେ। ପର୍ଯ୍ୟାୟକ୍ରମେ ମୋଟ୍ ୭୦ ହଜାର ଟଙ୍କା ଦେଇଥିଲେ। ହେଲେ ବିଶ୍ୱାସରେ ବିଷ କେବେ ସାଙ୍ଗ ମିଶାଇବ ବୋଲି ଜାଣି ନଥିଲେ। ଉକ୍ତ ଯୁବକ ଜଣଙ୍କ ନକଲି ପରିଚୟ ଦେଇ ବନ୍ଧୁତା କରିଥିବା ସେ ସଦର ଥାନାରେ ଅଭିଯୋଗ କରିଛନ୍ତି। ଏହାସହ ନେଇଥିବା ଟଙ୍କା ମଧ୍ୟ ଫେରସ୍ତ କରିନାହାନ୍ତି। ଓଲଟା ଯୁବତୀଙ୍କୁ ବାରମ୍ବାର ଧମକ ଦେଉଛନ୍ତି। ନ୍ୟାୟ ପାଇବା ନେଇ ସେ ଆଜି ସଦରଥାନାର ଦ୍ୱାରସ୍ଥ ହୋଇଛନ୍ତି।

**ଚିକିତ୍ସା ଆଳରେ ଟଙ୍କା ନେଇ ଦେଲେ ଧୋକା**

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ସମ୍ବଲପୁର, ୧୯।୨(ସମିସ):** ଧନୁପାଲି ଥାନା ଝାଙ୍କରପଡ଼ାର ଦୀନେଶ ଦାଶଙ୍କୁ ଦୁଇଜଣ ଯୁବକ ମାଡ଼ ମାରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଗତ ଶନିବାର ଦିନ ସନ୍ଧ୍ୟା ସମୟରେ ନଦୀରୁ ଫେରୁଥିବା ସମୟରେ ଓଭରବ୍ରିଜ ନିକଟରେ ଝାଙ୍କରପଡ଼ାର ପିଙ୍କୁ ଓ ବନ୍ଧପଡ଼ାର ଗୁଡ୍ଡୁ ଏକ ବାଡି ସାହାଯ୍ୟରେ ମାଡ଼ ମାରିଥିଲେ। ଏହାସହ ଜୀବନରୁ ମାରିଦେବା ଧମକ ଦେଇଥିବା ଦୀନେଶ ଧନୁପାଲି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ବସ୍ ଧକ୍କାରେ ଯୁବକ ମୃତ; ଲୋକଙ୍କ ରାସ୍ତାରୋକ



**ହୀରାକୁଦ, ୧୯।୨(ସମିସ):** ଆଜି ସକାଳ ପ୍ରାୟ ସାଢ଼େ ୫ଟାରେ ହୀରାକୁଦ ରେମେଡ୍ ମୁଖ୍ୟରାସ୍ତା ନରଡ଼ିହିରେ ସଂଘଟିତ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ହୀରାକୁଦ ନିମପାଲିର ରାମ ଖଡ଼ିଆ। ସେ ସକାଳୁ ଶୌଚ ଗଲା ସମୟରେ ଏକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ପ୍ରଥମେ କେହି ଜାଣିପାରି ନଥିଲେ ଯେ କେଉଁ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଗଲା ବୋଲି। ଏହି ଘଟଣା ପରେ ମୃତକଙ୍କ ପରିବାରବର୍ଗ ସେଠାରେ ପହଞ୍ଚିଲେ ଏବଂ ଉତ୍ତେଜନା ବଢ଼ିଚାଲିଥିଲା। ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ବସ୍ ଚାଳକ ଗିରଫ ଦାବିରେ ସମ୍ବଲପୁର- ହୀରାକୁଦ ରାସ୍ତାରୋକ କରିଥିଲେ। ପୁଲିସ ସିସିଟିଭି ଫୁଟେଜ୍ ଦେଖି ବସ୍ ଧକ୍କାରେ ତାଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଛି। ରେଡକ୍ରସ ଓ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହଯୋଗ କରିବା ପରେ ରାସ୍ତା ଅବରୋଧରୁ ଲୋକେ ହଟିଥିଲେ।

# ଆଜି ଉଦ୍‌ଘାଟନ ହେବ ସ୍କିଲ୍ ଇଣ୍ଡିଆ କେନ୍ଦ୍ର

**ସମ୍ବଲପୁର, ୧୯।୨(ସମିସ):** ଓଡ଼ିଶାର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଣ୍ଟର (ଏସ୍ଆଇସି) ଆଜି ଉଦ୍‌ଘାଟନ ହେବ। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକାର୍ପଣ କରିବେ। ମିଡିଆ ଆଣ୍ଡ ଏଣ୍ଟରଟେନମେଣ୍ଟ, ଚମଡ଼ା, ପର୍ଯ୍ୟଟନ ଓ ହସ୍ପିଟାଲିଟି ଏବଂ ଆଇଟି-ଆଇଟିଇଏସ ଭଳି ଅଧିକ ଚାହିଦା ଥିବା କ୍ଷେତ୍ରରେ ଯୁବଶକ୍ତିଙ୍କ ଦକ୍ଷତା ଏବଂ ଜ୍ଞାନ ବଢ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି ଦିଗରେ ଏକ ପ୍ରଗତିଶୀଳ ପଦକ୍ଷେପ ଭାବରେ କରାଯାଇଛି। ଯାହା ଶ୍ରେଣୀଗୃହ ଏବଂ କାର୍ଯ୍ୟ ଭିତ୍ତିକ ଶିକ୍ଷାର ଏକ ନିଆରା ମିଶ୍ରଣ ମାଧ୍ୟମରେ ଶିଳ୍ପ-ନିର୍ଦ୍ଦିଷ୍ଟ କୌଶଳ ସହିତ ଯୁବକମାନଙ୍କୁ ସଶକ୍ତ କରିଥାଏ। ଏହି କେନ୍ଦ୍ର ଶ୍ରେଷ୍ଠ ଶ୍ରେଣୀର ଭିତ୍ତିଭୂମି, ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଆଧୁନିକ ସୁବିଧା ସହିତ ସଜ୍ଜିତ ହୋଇଛି। ଯାହା ଆନୁଷ୍ଠାନିକ କୌଶଳର ଚାହିଦାକୁ ବଢ଼ାଇବ ଏବଂ ଏହି କ୍ଷେତ୍ରରେ ସଫଳତା ପାଇବା ପାଇଁ ଯୁବକମାନଙ୍କୁ ସକ୍ଷମ କରିବାରେ ଏକ ଅନୁକ୍ରମଣିକା ଭାବରେ କାର୍ଯ୍ୟ କରିବ। ବୈଶିଷ୍ଟ୍ୟଗୁଡ଼ିକରୁ ଛାତ୍ରଛାତ୍ରୀମାନେ ବହୁ ଉପକୃତ ହେବେ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେମାନେ ଶିଳ୍ପ ମୁଖ୍ୟଙ୍କ ଦ୍ୱାରା ଦକ୍ଷ ହେବେ। ଏହା ସହିତ ପ୍ରାର୍ଥୀମାନେ କ୍ଲାଉଡ୍ ଆଧାରିତ ୱେବ୍ ଆପ୍ଲିକେସନ୍ ଡେଭଲପର୍, ଡୋମେଷ୍ଟିକ ଆଇଟି ହେଲ୍ପଡେସ୍କ ଆଟେଣ୍ଡାଣ୍ଟ, ଗ୍ରାଫିକ୍ ଏବଂ ୟୁଆଇ / ୟୁଏକ୍ସ ଡିଜାଇନର୍, ମିଡିଆ ଏକ୍‌ଜିକ୍ୟୁଟିଭ୍, ଷ୍ଟୋରୀବୋର୍ଡ ଟ୍ରେନର, ଫୁଡ ଆଣ୍ଡ ବେଭରେଜ ସର୍ଭିସେସ ଷ୍ଟିୱାର୍ଡ୍, ବାରିଷ୍ଟ କାର୍ଯ୍ୟନିର୍ବାହୀ, ସିଲେଇ ଅପରେଟର, ଫୁଟ ଓ୍ୱାର ଏବଂ ଫ୍ୟାଶନ୍ ରିଟେଲ୍ ଆସୋସିଏଟ୍ ଏବଂ ଆହୁରି ଅନେକ କ୍ଷେତ୍ରରେ ତାଲିମ ସହିତ ଏକାଡେମିକ୍ ଜ୍ଞାନ ଆହରଣ କରିବାରେ ସମର୍ଥ ହେବେ। ଜାତୀୟ ଦକ୍ଷତା ବିକାଶ ନିଗମ (ଏନଏସଡିସି) କେନ୍ଦ୍ରର ପରିଚାଳନାକୁ ତଦାରଖ କରିବ। ଏହି ପରିବର୍ତ୍ତନଶୀଳ ପଦକ୍ଷେପ ବ୍ୟକ୍ତିବିଶେଷଙ୍କ ପାଇଁ ଶିକ୍ଷା, ନୂତନ କୌଶଳ ଏବଂ ନିଯୁକ୍ତି ସଂଯୋଗ ପାଇଁ ନୂତନ ରାସ୍ତା ଖୋଲିବ। ସମ୍ବଲପୁରର ପ୍ରତିଜ୍ଞାକାରୀ, ଅତ୍ୟଧିକ ଉତ୍ସାହୀ ଏବଂ ନିଷ୍ଠାପର ଯୁବପିଢ଼ିଙ୍କର ଅପାର ସମ୍ଭାବନା ରହିଛି ଯାହା କେନ୍ଦ୍ରର ଶୁଭାରମ୍ଭ ମାଧ୍ୟମରେ ବ୍ୟବହାର କରାଯିବ ଏବଂ ଘରୋଇ ତଥା ଆନ୍ତର୍ଜାତୀୟ ବଜାରରେ ସେମାନଙ୍କର ସ୍ଥାନିତ ଏବଂ ନିଯୁକ୍ତି ସମ୍ଭାବନାକୁ ବଢ଼ାଇବ ବୋଲି ସୂଚନା ଦିଆଯାଇଛି।

## ଡାକ୍ତରଖାନାରେ ଚତୁର୍ଥଶ୍ରେଣୀ କର୍ମଚାରୀ ମେରୁଦଣ୍ଡ



**ସମ୍ବଲପୁର, ୧୯।୨(ସମିସ):** ଡାକ୍ତରଖାନା କେବଳ ଡାକ୍ତରମାନଙ୍କୁ ନେଇ ଚାଲି ନଥାଏ। ନର୍ସ, ଫାର୍ମାସିଷ୍ଟଙ୍କ ସହିତ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ବଡ଼ ଭୂମିକା ରହିଥାଏ। ସେମାନେ କାମ ବନ୍ଦ କରିଦେଲେ ସବୁ ବ୍ୟବସ୍ଥା ବିଗିଡ଼ି ଯାଏ। ସଂଗଠନ ସୁଦୃଢ଼ ଥିଲେ ବିଜୟ ନିଶ୍ଚିତ ହୋଇଥାଏ। ସରକାର ଦାବି ମଧ୍ୟ ପୂରଣ କରନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ସବୁ ବର୍ଗଙ୍କ ପାଇଁ ଚିନ୍ତିତ ରହି ଯୋଜନା କରୁଛନ୍ତି। ପର୍ଯ୍ୟାୟକ୍ରମେ ସମସ୍ତ ଦାବି ପୂରଣ ହେବ ବୋଲି ଜିଲ୍ଲା ସଦର ଡାକ୍ତରଖାନାରେ ଓଡ଼ିଶା ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଅଚାର୍ଯ୍ୟ କହିଥିଲେ। ସଂଘ ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କର୍ମଚାରୀ ସଂଘର ଏକ ଅଫିସ୍ ଉଦଘାଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜିତା ବାଦି, ବବିତା ବିନେଟ, ପ୍ରସନ୍ନ କୁମାର ସାମଲ, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ମେଡିକାଲର ଚତୁର୍ଥଶ୍ରେଣୀ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ତାଲା ଭାଙ୍ଗି ଚୋରି ଅଭିଯୋଗରେ ୨ ଗିରଫ

**ବୁର୍ଲା, ୧୯।୨(ସମିସ):** ବୁର୍ଲା ସହର ପିଜି ଛକରେ ଥିବା ଏକ ଗ୍ୟାରେଜର ତାଲା ଭାଙ୍ଗି ଚୋରି ଅଭିଯୋଗରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଠାଣବନ୍ଧର ବାବଲୁ ବାଗ (୨୮) ଓ ସୁନୀଲ ସୁନା (୨୮)। ସୂଚନା ଅନୁସାରେ ସନ୍ୟାସୀ କୁମ୍ଭାର ପିଜି ଛକରେ ବାଇକ ମିସ୍ତ୍ରୀ ଭାବେ କାମ କରୁଥିବାବେଳେ ପିଜି ଛକରେ ଦୋକାନ କରିଥିଲେ। ତେବେ ସେହି ଦୋକାନରୁ ଅଭିଯୁକ୍ତମାନେ ମୋଟର ସାଇକେଲ ସାମଗ୍ରୀ ଚୋରି କରି ଫେରାର ମାରିଥିଲେ। ପୁଲିସ ତଦନ୍ତ କରି ୨ଜଣଙ୍କୁ ଗିରଫ କରିଛି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ବ୍ଲକ ସଭାପତି ଚୟନ

**ସମ୍ବଲପୁର, ୧୯।୨ (ସମିସ):** ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପିତ ଭାବେ ଜୟଶଙ୍କର ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ବ୍ଲକ କମିଟି ଗଠନ କରାଯାଇଛି। ପ୍ରତି ବ୍ଲକରେ ସଭାପତି ନିଯୁକ୍ତି ହୋଇଛନ୍ତି। କୁଚିଣ୍ଡା ଏନ୍ଏସି ଅଖୀଲ ପ୍ରତାପ ସିଂ, କୁଚିଣ୍ଡା ବ୍ଲକର ଲବଣିଧର ନାଏକ, ଜମନକିରା ବ୍ଲକର କେଦାରନାଥ ବରିହା, ବାମରା ବ୍ଲକ ରମେଶଚନ୍ଦ୍ର ଚୌଧୁରି, ରେଙ୍ଗାଲି ଚର୍ତୁଭୂଜ ଝାଙ୍କର, ଧନକଉଡା ବ୍ଲକ ଶଙ୍କର୍ଷଣ ନାଥ, ବୁର୍ଲା ଟାଉନର ଗିରିଜା ଶଙ୍କର ନାଏକ, ହୀରାକୁଦ ଟାଉନର ରବି ରାଉତ, ନାକଟିଦେଉଳ ବ୍ଲକର ତନ ପ୍ରଧାନ, ରେଢାଖୋଳ ବ୍ଲକର ସଞ୍ଜୟ ପ୍ରଧା. ଯୁଯୁମୁରା ସୁରେଶ୍ୱର ପ୍ରଧାନ, ମାନେଶ୍ୱର ବ୍ଲକର ଧରଣିଧର ସାହୁ ରହିଛନ୍ତି। ଜିଲ୍ଲା ସଭାପତି ଶ୍ରୀ ମିଶ୍ର ନୂତନ ଟିମକୁ ନେଇ ଆଗାମୀ ନିର୍ବାଚନରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରିଥିବା କହିଛନ୍ତି।

## ମାନସିକ ରୋଗୀଙ୍କୁ ଥଇଥାନ



**ସମ୍ବଲପୁର, ୧୯।୨(ସମିସ):** ଧନକଉଡ଼ା ବ୍ଲକ ଅନ୍ତର୍ଗତ ଗୋଶାଳା ଅଞ୍ଚଳରେ ବୁଲୁଥିବା ଏକ ମାନସିକ ରୋଗୀଙ୍କୁ ଆଜି ଥଇଥାନ କରାଯାଇଛି। ପରିଚୟ ଅନୁଷ୍ଠାନ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ରୋଗୀଙ୍କୁ ପୁରୀଠାରେ ଥଇଥାନ କରାଯାଇଛି। ଗତ ୬/୭ ମାସ ହେବ ଉକ୍ତ ବ୍ୟକ୍ତି ଗୋଶାଳାରେ ବୁଲୁଥିଲେ। ମାନସିକ ବିକାର ଯୋଗୁଁ ଘରେ ରହିବା ବଦଳରେ ଏଣେତେଣେ ରହିବା ସହ ଠିକ୍‌ସେ ଖାଉ ନଥିଲେ। ପରିଚୟ ଅନୁଷ୍ଠାନ ଏହି ଘଟଣା ଜାଣିବା ପରେ ରୋଗୀ ପାଖକୁ ଯାଇଥିଲେ। ବିପିନ ବିହାରୀ ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପରେ ସଫାସୁତୁରା କରିଥିଲେ। ନୂତନ ବସ୍ତ୍ର ପ୍ରଦାନ କରି ଖାଇବା ଦିଆଯାଇଥିଲା। ପରେ ଜିଲ୍ଲା ପ୍ରଶାସନର ସହାୟତାରେ ପୁରୀସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନରେ ଥଇଥାନ କରାଯାଇଥିଲା। ଏହି ମହତ କାର୍ଯ୍ୟରେ ଶ୍ରମନ୍ତ ପାତ୍ର, ଚୈତନ୍ୟ ନାୟକ, ହେମାନନ୍ଦ ଦେହୁରୀ ସହଯୋଗ କରିଥିଲେ।

## ଜେଲ୍ ଛକରୁ ଗାଡ଼ି ଚୋରି

**ସମ୍ବଲପୁର, ୧୯।୨ (ସମିସ):** ଧନୁପାଲି ଥାନା ଗୋବିନ୍ଦତୋଲା ନିବାସୀ କଳ୍ପତରୁ ବେହେରାଙ୍କ ଟାଟା ଏସି ଗାଡ଼ି ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ଶନିବାର ଜେଲ ଛକରେ ସେ ଗାଡ଼ି ପାର୍କି କରିଥିଲେ। କେହି ଦୁର୍ବୃତ୍ତ ଗାଡ଼ି ଚୋରି କରିନେଇଥିଲା।

## କିଶୋର-କିଶୋରୀ ସଶକ୍ତୀକରଣ ଅଭିଯାନ

**ସମ୍ବଲପୁର, ୧୯।୨(ସମିସ):** ଧନକଉଡ଼ା ବ୍ଲକ ସମ୍ମିଳନୀ କକ୍ଷରେ କିଶୋର/ କିଶୋରୀ ସଶକ୍ତୀକରଣ ଅଭିଯାନର ଏକ କର୍ମଶାଳା ହୋଇଯାଇଛି। କାର୍ଯ୍ୟକ୍ରମରେ ଧନକଉଡ଼ା ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରୁ କିଶୋର ବାଳକ, କିଶୋରୀ ବାଳିକା ମାନେ ଅଂଶଗ୍ରହଣ କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ଯୋଗଦାନ କରି ବିଭିନ୍ନ ଦିଗ ଉପରେ ବୁଝାଇଥିଲେ। ଡା.ଶାନ୍ତନୁ ମହାପାତ୍ର ଯୋଗଦେଇ କିଶୋର କିଶୋରୀ ମାନଙ୍କ ପାଇଁ ଥିବା ସ୍ୱାସ୍ଥ୍ୟ ସୁବିଧା ଉପରେ କହିଥିଲେ। ଏଡ୍ ଆଣ୍ଡ ଏକ୍ସନର ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ପୋସ୍‌କୋ ଆଇନ ଉପରେ ଆଲୋକପାତ କରିଥିଲେ। ଆଦର୍ଶ ଅନୁଷ୍ଠାନର ଜ୍ୟୋତି ଶତପଥୀ ବାଲ୍ୟ ବିବାହ ଉପରେ ଆଲୋଚନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ବିଶ୍ୱଜିତ୍ ସାହୁ ସରକାରଙ୍କ ତରଫରୁ ଶିଶୁମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ କହିଥିଲେ। କାର୍ଯ୍ୟକ୍ରମରେ ଧନକଉଡ଼ା ବ୍ଲକ ସୁପରଭାଇଜର ନିରୂପମା ଦାଶ, ବିଳାସିନୀ ନାଥ ଶର୍ମା, ରୁଦ୍ରାଣୀ ମହାପାତ୍ର, ଜୟନ୍ତୀ ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଜୟନ୍ତୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଟିପିଡବ୍ଲୁଓଡିଏଲ୍ ତରଫରୁ ପଶ୍ଚିମ ଓଡ଼ିଶାରେ ଜାରି ରହିଛି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

**ବୁର୍ଲା, ୧୯।୨(ସମିସ)**

ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ମୋବାଇଲ୍ ହେଲଥ୍ ଡିସପେନସାରି ଭ୍ୟାନ୍ ସ୍ୱାସ୍ଥ୍ୟସେବା ଯୋଗାଉଛି। ଟିପିଡବ୍ଲୁଓଡିଏଲର ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ ଏହି ଅଭିନବ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡି, ସୁବର୍ଣ୍ଣପୁର ଏବଂ ଦେବଗଡ଼ ଜିଲ୍ଲାର ଜାରି ରହିଛି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା। ଯାହାର ମୂଳଲକ୍ଷ୍ୟ ହେଉଛି ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ତଥା ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଲୋକମାନଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ଯୋଗାଇବା। ଦୁର୍ଗମ ଅଞ୍ଚଳରେ ବ୍ୟାପୁଥିବା ବିଭିନ୍ନ ସଂକ୍ରାମକ ରୋଗର ଚିକିତ୍ସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ମୋବାଇଲ୍ ହେଲ୍ଥ ଡିସପେନସାରି ଭ୍ୟାନର ଗତିପଥ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଏ। ଏହି ମୋବାଇଲ୍ ହେଲଥ୍ ଡିସପେନସାରି ଭ୍ୟାନଟି ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କୁ ନେଇ ସୁସଜ୍ଜିତ ହୋଇଛି। ଯାହା ବିଭିନ୍ନ ପ୍ରକାରର ପ୍ରାଥମିକ ସ୍ୱାସ୍ଥ୍ୟସେବା, ସ୍ୱାସ୍ଥ୍ୟ ପରୀକ୍ଷା, ଟୀକାକରଣ ତଥା ବିଭିନ୍ନ ରୋଗ ପାଇଁ ମୌଳିକ ଔଷଧ ପ୍ରଦାନ କରିଥାଏ।ପ୍ରକାଶଥାଉ କି, ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରଥମେ ଏପ୍ରିଲ ୨୦୨୨ରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାଠାରୁ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତି ସମୟରେ ଏହା ଦେବଗଡ଼ ଜିଲ୍ଲାରେ ଡିସେମ୍ବର ୨୦୨୨ ଏବଂ ସୋନପୁର ଜିଲ୍ଲାରେ ଜାନୁୟାରୀ ୨୦୨୩ରୁ ଆରମ୍ଭ ହୋଇଥିଲା। ଏଯାବତ୍ କଳାହାଣ୍ଡି ଜିଲ୍ଲାର ୫୭ ଗ୍ରାମର ୩୫ ହଜାର ଲୋକ, ଦେବଗଡ଼ ଜିଲ୍ଲାର ୫୦ ଗ୍ରାମର ୨୫ ହଜାର ଲୋକ ଏବଂ ସୁବର୍ଣ୍ଣପୁର ଜିଲ୍ଲାର






୬୧ ଗ୍ରାମର ୩୦ ହଜାର, ପାଖାପାଖି ୯୦, ୦୦୦ ଲୋକେ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଦ୍ୱାରା ଉପକୃତ ହୋଇ ସାରିଲେଣି। ଚଳିତ ବର୍ଷ ଜାନୁଆରୀ ମାସରେ କେବଳ ଏହି ଭ୍ରାମ୍ୟମାଣ ଭ୍ୟାନଟି ୫୪୮୭ ରୋଗୀଙ୍କ ନିକଟରେ ପହଞ୍ଚି ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟସେବା ଓ ମୌଳିକ ଔଷଧ ପ୍ରଦାନ କରିଛି। ଏହି ରୋଗୀମାନଙ୍କ ମଧ୍ୟରେ ୫୩ ପ୍ରତିଶତ ପୁରୁଷ ଏବଂ ୪୭ ପ୍ରତିଶତ ମହିଳା ରହିଛନ୍ତି। ସେହିପରି ଏହି ସ୍ୱାସ୍ଥ୍ୟସେବା ଦ୍ୱାରା ଉପକୃତ ହୋଇଥିବା ଲୋକଙ୍କ ମଧ୍ୟରୁ ୨୮ ପ୍ରତିଶତ ଲୋକେ ୬୦ ବର୍ଷ ବୟସ୍କ କିମ୍ବା ତର୍ଦ୍ଧ୍ୱ ରହିଛନ୍ତି। ବିଗତ ଦୁଇ ବର୍ଷ ମଧ୍ୟରେ ଏହି ମୋବାଇଲ ମେଡ଼ିକାଲ ସେବା ଦ୍ୱାରା ହଜାରରୁ ଅଧିକ ରୋଗୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତର କରାଯାଇ ସମ୍ପୂର୍ଣ୍ଣ ରୂପେ ସୁସ୍ଥ କରାଯାଇଛି। ଏହି ପରିପେକ୍ଷୀରେ ଟିପିଡବ୍ଲୁଓଏଲର ସିଇଓ ଗଜାନନ୍ କାଲେ ପ୍ରକାଶ କରିଛନ୍ତି ଯେ, ସ୍ୱାସ୍ଥ୍ୟସେବା ଏକ ମୌଳିକ ମାନବିକ ଅଧିକାର ଏବଂ ଅତ୍ୟାବଶ୍ୟକ ଚିକିତ୍ସା ସେବା ପାଇବାରୁ କାହାରିକୁ ବଞ୍ଚିତ କରାଯିବା ଉଚିତ ନୁହେଁ। ଆମର ଏହି ମୋବାଇଲ ହେଲଥ ଡିସପେନସାରି ଭ୍ୟାନ ମାଧ୍ୟମରେ ପଶ୍ଚିମ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଥିବା ବ୍ୟବଧାନକୁ ଦୂର କରିବା ତଥା ପ୍ରାଥମିକ ସ୍ୱାସ୍ଥ୍ୟସେବା ସେବା ଯୋଗାଇ ସମାଜକୁ ସଶକ୍ତ କରିବା ଦିଗରେ ପ୍ରଚେଷ୍ଟା ଜାରି ରଖିଛୁ।

# ସମ୍ବଲପୁର ଜିଲ୍ଲାରେ ଗଡ଼ିଲା ଲକ୍ଷ୍ମୀ ବସ୍

**ସମ୍ବଲପୁର, ୧୯।୨(ସମିସ)**

ସମ୍ବଲପୁର ଜିଲ୍ଲାରେ ଆଜିଠାରୁ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାର୍ଚୁଆଲ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ଲୋକାର୍ପଣ କରିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ, ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧା ଓ କମ୍ ଖର୍ଚ୍ଚରେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମର ଜୀବନଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ। ଲୋକଙ୍କ ଇଚ୍ଛାକୁ ମୁଁ ସମ୍ମାନ ଦିଏ, ମୋ ସରକାରର ସବୁ କାର୍ଯ୍ୟକ୍ରମ ଲୋକମତ ଭିତ୍ତିରେ ଆଧାରିତ, ଲକ୍ଷ୍ମୀ ଯୋଜନା ମଧ୍ୟ ଲୋକଙ୍କ ଇଚ୍ଛାରୁ କାର୍ଯ୍ୟକାରୀ କରାଯାଇଛି। ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଓ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପ୍ରତି ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଆମର ଲକ୍ଷ୍ୟ ରହିଛି। ଗାଁର ଅର୍ଥନୀତିକୁ ମଜବୁତ କରିବା ଆମର ଲକ୍ଷ୍ୟ। ନିକଟରେ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ସମ୍ବଲପୁରର ୯୭ଟି ପଞ୍ଚାୟତରେ ୩୧ଟି ବସ୍ ଚାଲିଲା। ଏଥିରେ ୭ ଲକ୍ଷ ୨୮ ହଜାର ଲୋକ ଉପକୃତ ହୋଇପାରିବେ। ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି ବୋଲି ସେ କହିଥିଲେ। ଗାଁର ରୂପାନ୍ତର ପାଇଁ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହି ଏକ ନୂଆ ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି କହିଥିଲେ, ଏକନମ୍ବର ସ୍ଥାନରେ ଅଧିଷ୍ଠିତ ହେବାକୁ ହେଲେ, କଠିନ ପରିଶ୍ରମ ଓ ତ୍ୟାଗ ଦରକାର। ମୁଖ୍ୟମନ୍ତ୍ରୀ ହେଉଛନ୍ତି ତା'ର ପ୍ରକୃଷ୍ଟ ଉଦାହରଣ। ଗତ ୨୪ବର୍ଷ ଧରି ଦେଶର ଏକନମ୍ବର

■ ଗ୍ରାମାଞ୍ଚଳ ମହିଳାଙ୍କୁ ସଶକ୍ତ, ସମୃଦ୍ଧ କରିବ
■ ଆର୍ଥିକ, ସାମାଜିକ ସ୍ଥିତି ମଜବୁତ ହେବ





ମୁଖ୍ୟମନ୍ତ୍ରୀ ରହିଛନ୍ତି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ। ଏଥିପାଇଁ ତାଙ୍କ ପରିଶ୍ରମ ଓ ତ୍ୟାଗର ତୁଳନା ନାହିଁ। ଏଥିସହିତ ସମ୍ବଲପୁର ଜିଲ୍ଲାବାସୀଙ୍କୁ ସମ୍ବୋଧିତ କରି ସେ କହିଥିଲେ, ସମ୍ବଲପୁରରୁ ପୁରୀ ସପ୍ତାହକୁ ଦୁଇଦିନ ଯିବାଆସିବା କରୁଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ଫେବୃଆରୀ ୨୫ ତାରିଖରୁ ସବୁଦିନ ଚାଲିବ। ଲକ୍ଷ୍ମୀ ବସ୍ ସେବା ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଲକ୍ଷ୍ମୀ ବସ୍ ଲୋକଙ୍କୁ ଲୋକଙ୍କ ସହିତ ଯୋଡ଼ିବ। ସାମାଜିକ ଓ ଆର୍ଥିକ ଜୀବନକୁ ମଜବୁତ କରିବ। ପିଲାଙ୍କୁ ସ୍କୁଲ କଲେଜ ନେବ। ଚାଷୀଙ୍କୁ ମାର୍କେଟ ସହିତ ଯୋଡ଼ିବ। ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯିବାଆସିବା କରିପାରିବେ ବୋଲି କହିଥିଲେ। ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଥିଲେ, ଲକ୍ଷ୍ମୀ ବସ୍ କେବଳ ଏକ ବସ୍ ସେବା ନୁହେଁ। ଗ୍ରାମାଞ୍ଚଳ ମହିଳାମାନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କର ଏକ ସଫଳତମ ପ୍ରଚେଷ୍ଟା। ବିଭିନ୍ନ ଯୋଜନା ମାଧ୍ୟମରେ ମହିଳାମାନଙ୍କ ଦକ୍ଷତାର ପରିପ୍ରକାଶ ପାଇଁ ସଯୋଗ ସୃଷ୍ଟି କରିଛନ୍ତି ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା କୁମଦିନି ନାଏକ ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଜିଆର୍‌ଏସ୍ ସଂଘ



**ସମ୍ବଲପୁର, ୧୯।୨(ସମିସ):** ସମ୍ବଲପୁର ଜିଲ୍ଲା ଜିଆରଏସ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଜେଡି ସାଂଗଠନିକ ସଂପାଦକ ଜିଆରଏସ ମାନଙ୍କ ଅଭିଯୋଗ ଓ ସମସ୍ୟା ଶୁଣି ଦାବି ପୂରଣ କରିଥିବା ଯୋଗୁଁ ଧନ୍ୟବାଦ ଜଣାଇଛନ୍ତି। ଗ୍ରାମ ରୋଜଗାର ସେବକ ମାନଙ୍କୁ ରେଗୁଲାର ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଭାବରେ ନିଯୁକ୍ତି ନିମନ୍ତେ ସରକାର ଅନୁମୋଦନ କରିଥିବାରୁ ସଂଘ ବହୁତ ଖୁସି ବ୍ୟକ୍ତ କରି କୃତଜ୍ଞତା ଜଣାଇଛନ୍ତି। ଯେଉଁମାନେ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ଗ୍ରାମ ରୋଜଗାର ସେବକ ଭାବରେ କାର୍ଯ୍ୟରତ ସେମାନଙ୍କୁ ଏକ ସମୟରେ ଏଡିଇଓ କରିବା ଓ ପରବର୍ତ୍ତୀ ସମୟରେ ୩୦ପ୍ରତିଶତ ପ୍ରମୋଶନ ବ୍ୟବସ୍ଥା କରିଥିବାରୁ ଦୀର୍ଘଦିନର ଦାବି ପୂରଣ ହୋଇଥିବା ସହ ଆଗାମୀ ଦିନରେ ଗ୍ରାମ ରୋଜଗାର ସେବକ ମାନଙ୍କ ଚାକିରୀ କ୍ଷେତ୍ରରେ ସହାୟକ ହେବା ସହ କାର୍ଯ୍ୟ କ୍ଷେତ୍ରରେ ଉତ୍ସାହିତ ରହିବେ ବୋଲି କହିଥିଲେ। ଏହି ନିଯୁକ୍ତିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଓ ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ସମ୍ପୃକ୍ତ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀ ମାନଙ୍କୁ ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ତଥା ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଜରିଆରେ ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କାର୍ଯ୍ୟକ୍ରମ ବେଳେ ରାଜେଶ ବେହେରା, ଦୁଷ୍ମନ୍ତ ପଣ୍ଡା, ପ୍ରଣୟ ପ୍ରଧାନ, ତ୍ରିନାଥ ପ୍ରଧାନ, ନବ ପ୍ରଧାନ, ମାନସୀ ବେହେରା, ଶାନ୍ତାରାମ ସାହୁ, ମହେନ୍ଦ୍ର ବେହେରା, ଟିଟୁ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦ କୋଠରୀ ଭିତରୁ ଯୁବକଙ୍କ ରକ୍ତାକ୍ତ ଶବ ଜବତ

**ସମ୍ବଲପୁର, ୧୯।୨(ସମିସ):** ସମ୍ବଲପୁର ଜିଲ୍ଲା ସଦରଥାନା ଅନ୍ତର୍ଗତ ସିନ୍ଧୁପରପଙ୍କ ହରିଜନପଡ଼ାର ଏକ ଘରର ବନ୍ଦ କୋଠରୀ ଭିତରୁ ଜଗବନ୍ଧୁ ଓରମା(୪୦)ଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ମୃତଦେହର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ମୁଣ୍ଡ ଫାଟିଯାଇଛି, ନାକ ଓ ଓଠରେ ମାଡ଼ ଚିହ୍ନ ରହିଛି। ଦେହରେ କଳ ଦାଗ ଗୁଡ଼ିକ ରହିଛି। ତେଣୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ହେଉଛି। ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ଜଗବନ୍ଧୁଙ୍କ ସ୍ତ୍ରୀ ସହିତ ସମ୍ପର୍କ ଠିକ ନଥିଲା। ତେଣୁ ପିଲାଙ୍କୁ ନେଇ ସ୍ତ୍ରୀ ବାପ ଘରେ ରହୁଥିଲେ। ଜଗବନ୍ଧୁ ଇଲେକ୍ଟ୍ରି ମିସ୍ତ୍ରୀ ଭାବେ କାମ କରି ରୋଜଗାର କରୁଥିଲେ। ଗତକାଲି ମଧ୍ୟ ମଜୁରୀ ପାଇଁ ଯାଇଥିଲେ। ରାତିରେ ଶୋଇବା ପୂର୍ବରୁ ଠିକ୍ ଥିଲେ। ପଡ଼ୋଶୀଙ୍କ ସହ କଥାବାର୍ତ୍ତା ମଧ୍ୟ ହୋଇଥିଲେ। ରାତିରେ ଶୋଇଥିଲେ ହେଲେ ସକାଳ ୯ଟାରେ ଶୋଇବା କୋଠରୀରୁ ବାହାରି ନଥିଲେ। ପରିବାରବର୍ଗ ଘର ସମ୍ମୁଖରୁ କବାଟ ବାଡ଼େଇଥିଲେ। ପରେ ପଛପଟୁ କବାଟ ଖୋଲି ଭିତରକୁ ଯାଇଥିଲେ। କୋଠରୀ ଭିତରେ ରକ୍ତାକ୍ତ ଅବସ୍ଥାରେ ମୃତଦେହ ପଡ଼ିରହିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଟିମ ଆସି ତଦନ୍ତ ଆରମ୍ଭ କରିଥିଲା। ପରେ ସାଇଣ୍ଟିଫିକ ଟିମ ମଧ୍ୟ ତଦନ୍ତ କରି ରିପୋର୍ଟ ସଂଗ୍ରହ କରିଛି। ବ୍ୟବଚ୍ଛେଦ ପରେ ପୁଲିସ ଶବକୁ ପରିବାରକୁ ହସ୍ତାନ୍ତର କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି।

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

### ଆଜିଠାରୁ ମାଟ୍ରିକ୍ ପରୀକ୍ଷା

## କୁଚିଣ୍ଡା ବ୍ଲକର ୧୪୯୭ ଛାତ୍ରଛାତ୍ରୀ ଦେବେ ପରୀକ୍ଷା

**କୁଚିଣ୍ଡା, ୧୯।୨(ସମିସ):** ଆସନ୍ତାକାଲି ୨୦ ତାରିଖରୁ ମାଟ୍ରିକ ପରୀକ୍ଷା ହେବ। ଏଥିପାଇଁ ଛାତ୍ରଛାତ୍ରୀ ଜୋରସୋର୍‌ରେ ଲାଗିଛନ୍ତି। କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧୀନରେ କୁଚିଣ୍ଡା ବ୍ଲକର ୯ଟି ହାଇସ୍କୁଲର ୧୪୯୭ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ସରକାରୀ ହାଇସ୍କୁଲ କୁଚିଣ୍ଡାର ୨୨୮, କୁଟୁରାଚୁଆଁ ହାଇସ୍କୁଲର ୧୮୧, ସରକାରୀ ବାଳିକା ବିଦ୍ୟାଳୟ କୁଚିଣ୍ଡାର ୧୬୮, ପରୁଆଭାଡ଼ି ହାଇସ୍କୁଲର ୨୦୬, ଦୀନବନ୍ଧୁ ହାଇସ୍କୁଲ ଗୋଛରାର ୧୮୧, କୁନ୍ଦୁରା ହାଇସ୍କୁଲ ୧୪୧, ସରକାରୀ ଏସଏସଡ଼ି ହାଇସ୍କୁଲ ଅର୍ଡାବାହାଲର ୧୨୬, ହୀରାଧର ଯୁବକ ସଂଘ ଚନ୍ଦନୀମାଲ ହାଇସ୍କୁଲର ୨୨୨ ଏବଂ କୁସୁମୀ ହାଇସ୍କୁଲର ୯୪ଜଣ ସର୍ବମୋଟ୍ ୧୪୯୭ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ୨୦ ତାରିଖରୁ ଆରମ୍ଭ ହେଉଥିବା ଏହି ମାଟ୍ରିକ୍ ପରୀକ୍ଷା ୪ତାରିଖରେ ସମାପ୍ତ ହେବ। ଏଥି ନିମନ୍ତେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମସ୍ତ ପ୍ରକ୍ରିୟା ଶେଷ କରିସାରିଛନ୍ତି। ଜମନକିରା ଓ କୁଚିଣ୍ଡାରେ ମୋଟ୍ ୧୮ଟି ସେଣ୍ଟର ହୋଇଥିବା ବେଳେ ୨୫୪୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ବାମରା ଗୋଷ୍ଠୀ ଶିକ୍ଷା ଅଧୀନରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୧୨୬୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି।

## ସମ୍ବଲପୁରୀ ଧନୁଯାତ୍ରା ପାଇଁ ଶ୍ରୀକୃଷ୍ଣ ବରଣ



**ସମ୍ବଲପୁର, ୧୯।୨(ସମିସ):** ସମ୍ବଲପୁରରେ ପ୍ରଥମ ଥର ପାଇଁ ହେବାକୁ ଥିବା ସମ୍ବଲପୁରୀ ଭାଷାର ଧନୁଯାତ୍ରା ନିମନ୍ତେ ସମ୍ବଲପୁର ମହାନଗର ଛତାବର ଗ୍ରାମର ଦୁଷ୍ମନ୍ତ ପଣ୍ଡାଙ୍କ ପୁତ୍ର ଓମ୍ ସାଇରାମ ପଣ୍ଡାଙ୍କୁ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ ପାଇଁ ବରଣ କରାଯାଇଛି। ଗୋପପୁର ସମିତିର ଏକ ପ୍ରତିନିଧି ଦଳ ପାରମ୍ପରିକ ପୂଜାବିଧି ସହିତ ଏହି ବରଣ କାର୍ଯ୍ୟ କରିଥିଲେ। ଗୋପପୁର ସଭାପତି ଆଦିତ୍ୟ ପ୍ରସାଦ ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସୁବ୍ରତ ପୁରୋହିତ ପୂଜା କାର୍ଯ୍ୟ କରିଥିଲେ। ଏହି ଅବସରରେ ଧନୁଯାତ୍ରା କମିଟିର ସଂପାଦକ ଗୁଣରଞ୍ଜନ ସାଲିମା, ଗୋପପୁର ସମିତି ସଂପାଦକ ଗଣେଶ ମହତମଙ୍କ ସମେତ ଯୋଗେଶ ନନ୍ଦ, ସରୋଜ ମହାପାତ୍ର, ସୁଶାନ୍ତ ପଣ୍ଡା, ଯୋଗେନ୍ଦ୍ର ମାଝୀ, ନରେନ୍ଦ୍ର ରାୟଗୁରୁ, ବିନୋଦ ପଣ୍ଡା, ଅଶ୍ୱିନୀ ପାଢ଼ୀ, ଜିତପ୍ରକାଶ ପାଣିଗ୍ରାହୀ, ନିଶିକାନ୍ତ ପଣ୍ଡା ପ୍ରମୁଖ ଉଭୟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

### ତୀର୍ଥ ଯାତ୍ରାରେ ଗଲେ ବରିଷ୍ଠ ନାଗରିକ

## ଭାବବିହ୍ୱଳ ହୋଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ

**ସମ୍ବଲପୁର, ୧୯।୨(ସମିସ):** ଭାରତୀୟ ସଂସ୍କୃତି ତଥା ବିଶ୍ୱର ଅନ୍ୟ ସଂସ୍କୃତିରେ ତୀର୍ଥଯାତ୍ରାର ବିଶେଷ ମହତ୍ତ୍ୱ ରହିଛି। ତୀର୍ଥଯାତ୍ରାକୁ ଏକ ଆଧ୍ୟାତିକ ଏବଂ ଦିବ୍ୟ ଅନୁଭୂତି ଭାବରେ ବିବେଚନା କରାଯାଏ। ପ୍ରାଚୀନ କାଳରୁ ଭାରତୀୟ ସଂସ୍କୃତିର ବିବିଧତାକୁ ଏକାଠି ଓ ଅକ୍ଷୁଣ୍ଣ ରଖିବାରେ ତୀର୍ଥଯାତ୍ରାର ପରମ୍ପରା ସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ତଦନୁଯାୟୀ ଓଡ଼ିଶା ସରକାରଙ୍କ 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଚାରିଆଡ଼େ ଆଲୋଚନା ହେଉଛି। ରାଜ୍ୟର ବରିଷ୍ଠ ନାଗରିକମାନଙ୍କ ଜୀବନବ୍ୟାପୀ ସ୍ୱପ୍ନ ପୂରଣ କରିବା ଏବଂ ସେମାନଙ୍କ ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିଛି। ଏହାକୁ ଦୃଷ୍ଟିରେ ରଖି ଆଜି ସମ୍ବଲପୁର ଜଙ୍କସନ ରେଳ ଷ୍ଟେସନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ପରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସକାଳ ସାଢ଼େ ୧୧ଟାରେ ୮ଟି ଜିଲ୍ଲାର ୯୭୦ଜଣ ତୀର୍ଥଯାତ୍ରୀ, ୩୦ଜଣ ଏସ୍କର୍ଟ ଅଫିସରଙ୍କ ସହ ଆଜମେର-ପୁଷ୍କର ଅଭିମୁଖେ ଯାତ୍ରା କରିଥିଲେ। ଏହି ୮ଟି ଜିଲ୍ଲା ହେଲା ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଦେବଗଡ଼ ଓ ଅନୁଗୁଳ। ସମ୍ବଲପୁରରୁ ୧୧୨, ବରଗଡ଼ରୁ ୧୫୯, ଦେବଗଡ଼ରୁ ୩୩, ଝାରସୁଗୁଡ଼ାରୁ ୬୨, ସୁନ୍ଦରଗଡ଼ରୁ ୨୨୫, ବଲାଙ୍ଗୀରରୁ ୧୭୭, ସୁବର୍ଣ୍ଣପୁରରୁ ୬୫ ଓ ଅନୁଗୁଳରୁ ୧୩୭ ଜଣ ତୀର୍ଥଯାତ୍ରୀ ଯାଉଛନ୍ତି। ବରିଷ୍ଠ ନାଗରିକଙ୍କ ଯାତ୍ରା ଖର୍ଚ୍ଚ, ରହିବା, ଖାଇବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଭଳି ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଛନ୍ତି ସରକାର। ତୀର୍ଥଯାତ୍ରୀମାନଙ୍କୁ ଟ୍ରାଭେଲ କିଟ୍ ବ୍ୟାଗ ମଧ୍ୟ ଯୋଗାଇ ଦିଆଯାଇଥିଲା ଯେଉଁଠାରେ ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ରହିଛି। ଆନନ୍ଦମୟ ହୃଦୟରେ ତୀର୍ଥଯାତ୍ରୀମାନେ ବିଦାୟ ନେଇଥିଲେ। ତୀର୍ଥଯାତ୍ରୀ ମାନେ ଆସନ୍ତା ୨୪ଫେବୃଆରୀରେ ଅଜମେର -ପୁଷ୍କରରୁ ଫେରିବାର କାର୍ଯ୍ୟକ୍ରମ ରହିଛି।



## କଣ୍ଟେନର ଧକ୍କାରେ ଯୁବକ ମୃତ

**ସମ୍ବଲପୁର, ୧୯।୨(ସମିସ):** ଜମନକିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡି ପଞ୍ଚାୟତ ବଡକୁଣ୍ଡେଇସରା ଛକ ନିକଟରେ ଆଜି ସକାଳ ପ୍ରାୟ ୯.୪୦ ସମୟରେ ଏକ କଣ୍ଟେନର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ବେଲଗୁଡା ଗ୍ରାମର ୪୮ ବର୍ଷିୟ ପୀତାମ୍ବର କୁମ୍ଭାର। ସୂଚନାଯୋଗ୍ୟ, ଯୁବକ ଜଣକ ଚାଲି ଚାଲି ଜାତୀୟ ରାଜପଥ ୫୩ ଅତିକ୍ରମ କରୁଥିଲେ। ଏହି ସମୟରେ ଏକ କଣ୍ଟେନର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୌଡ଼ପାଲି ଓ ଜମନକିରା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।



### ପ୍ରକୃତି ସଂରକ୍ଷଣ ସଚେତନତା ଶିବିର

## ଜ୍ୟୋତିବିହାରର ୪୫ ଛାତ୍ରୀ ନେଲେ ପ୍ରଶିକ୍ଷଣ

**ଜମନକିରା, ୧୯।୨(ସମିସ):** ବାମରା ବନ୍ୟପ୍ରାଣୀ ଡିଭିଜନ ବଡ଼ରମା ରେଞ୍ଜ ଅଧୀନ କୁତବ ୨ନଂ ୱାଚ୍ ଟାୱାର ଏବଂ ୟୁନିଭର୍ସିଟି ସ୍ୱଟ୍ ଠାରେ ରବିବାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏକ ପ୍ରକୃତି ସଂରକ୍ଷଣ ସଚେତନତା ଶିବିର ହୋଇଥିଲା। ଏଥିରେ ବୁର୍ଲା ଜ୍ୟୋତିବିହାର ବିଶ୍ୱ ବିଦ୍ୟାଳୟ ଲାଇଫ୍ ସାଇନ୍ସ ବିଭାଗର ୪୫ଜଣ ଛାତ୍ରଛାତ୍ରୀ ଯୋଗଦେଇ ବନ୍ୟଜନ୍ତୁ ପରିଚାଳନା ଓ ଜଙ୍ଗଲ ସଂରକ୍ଷଣ ଉପରେ ପ୍ରଶିକ୍ଷଣ ନେଇଥିଲେ। ପୂର୍ବାହ୍ନ ୯ଟାରେ ଆମ୍ବଲାଙ୍ଗ କ୍ୟାମ୍ପଠାରେ ରେଞ୍ଜ ଅଫିସର୍ ଗିରିଧାରୀ ପଧାନଙ୍କ ପରିଚାଳନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବାମରା ଏସିଏଫ୍ ଏକେ ଷଡଙ୍ଗୀ ବଡ଼ରମା ଅଭୟାରଣ୍ୟ ଅଞ୍ଚଳ ୟୁନିଭର୍ସିଟି ସ୍ୱଟ୍‌କୁ ପହଞ୍ଚି ଛାତ୍ରଛାତ୍ରୀ ମାନଙ୍କୁ ଜଙ୍ଗଲ ଓ ବନ୍ୟଜନ୍ତୁ ପରିଚାଳନା ଉପରେ ବୁଝାଇଥିଲେ। କୁତବ ୨ନଂ ୱାଚ୍ ଟାୱାର୍‌କୁ ପହଞ୍ଚିବା ପରେ ଅଗ୍ନିରେଖା ସମାପ୍ତି, ଜଙ୍ଗଲସୀମା, ଛାଉଣୀ ବିଷୟରେ ବଡ଼ରମା ରେଞ୍ଜ ଅଫିସର ବୁଝାଇଥିଲେ। ମଧ୍ୟାହ୍ନରେ ପ୍ରକୃତି ଚାଲିବା, ଉଦ୍ଭିଦକରଣ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଧାରଣା ଦିଆଯାଇଥିଲା। ମଧ୍ୟାହ୍ନ ଭୋଜନ ପରେ ବନ ବିଭାଗ ଏବଂ ବନ୍ୟଜନ୍ତୁରେ ବୈଷୟିକ ହସ୍ତକ୍ଷେପର ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ବଡ଼ରମା ଫରେଷ୍ଟର ରଞ୍ଜନ କୁମାର୍ ଜିତ୍, ଓଡ଼ସିଂ ଫରେଷ୍ଟର ଭେଙ୍କଟେଶ୍ୱର ପିଙ୍ଗ, ଗୌଡ଼ପାଲି ଫରେଷ୍ଟର ଲେଖାରାଣୀ ମହାନନ୍ଦ, ଫରେଷ୍ଟ ଗାର୍ଡ ସତ୍ୟବାନ୍ ମାଝୀ, କୁତନ୍ ବିଟ ଫରେଷ୍ଟ ଗାର୍ଡ ପ୍ରମୁଖ ସହଯୋଗ କରିଥିଲେ।



## ବ୍ୟାପୁଥିବା ରୋଗପୋକର ପ୍ରତିକାର ଦାବି

**ସମ୍ବଲପୁର, ୧୯।୨(ସମିସ):** ସମ୍ବଲପୁର ଜିଲ୍ଲାରେ ରବି ଚାଷ ବିଳମ୍ବ ହୋଇଥିଲେ ମଧ୍ୟ ଫସଲ ଭଲ ହୋଇଛି। ହେଲେ ରୋଗପୋକ ଏବେ ଚାଷୀଙ୍କୁ ଦାଉ ସାଧୁଛି। ଆଜି ଜିଲ୍ଲା କୃଷକ ସଂଗଠନ ସଭାପତି ଉମେଶ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କୃଷି ଅଧିକାରୀଙ୍କୁ ଭେଟିଛନ୍ତି। ସେମାନେ ଫସଲରେ ଲାଗୁଥିବା ରୋଗପୋକରୁ କିଭଳି ରକ୍ଷା ପାଇବେ, କେଉଁ ଔଷଧ ସିଞ୍ଚନ କରାଯିବ ସେ ବିଷୟରେ ଜଣାଇବାକୁ ଚାଷୀମାନେ କହିଥିଲେ। ଅନ୍ୟପଟେ ପ୍ରତି ବ୍ଲକ ଓ ପଞ୍ଚାୟତରେ କୃଷି ବିଭାଗ କର୍ମଚାରୀ ଓ ବିଶେଷଜ୍ଞମାନେ ଫସଲ ପରିଦର୍ଶନ କରିବେ ଓ ପ୍ରତିକାର ପାଇଁ ପରାମର୍ଶ ଦେବେ ବୋଲି କହିଥିଲେ। ଚାଷୀଙ୍କ ଅଭିଯୋଗ କ୍ରମେ ହୀରାକୁଦ ଜଳସେଚିତ ଅଞ୍ଚଳରେ କାଣ୍ଡବିନ୍ଧା ପୋକ ଲାଗିଛନ୍ତି। ବଜାରରେ ଉପଲବ୍ଧ କୀଟନାଶକ ବାରମ୍ବାର ପ୍ରୟୋଗ କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ନକଲି ଔ÷ଷଧ ହୋଇପାରେ ବୋଲି ସନ୍ଦେହ କରୁଛନ୍ତି। କାଣ୍ଡବିନ୍ଧା ପୋକ ସମସ୍ୟାର ସମାଧାନ ପାଇଁ ଚାଷୀଙ୍କୁ ଟ୍ରାଇକୋ କାର୍ଡ ଓ ଥେରୋମିନ୍ ଟ୍ରାପ୍ ମାଗଣାରେ ଯୋଗାଣ ହେଉଥିଲା। ଜୈବିକ ପଦ୍ଧତିରେ ପ୍ରସ୍ତୁତ ଏହି ଉଭୟ ବ୍ୟବସ୍ଥା ଯୋଗୁଁ ଖୁବ୍ ଅଳ୍ପ ସମୟ ମଧ୍ୟରେ ଚାଷୀ ଫସଲକୁ କାଣ୍ଡବିନ୍ଧା ପୋକ ଦାଉରୁ ରକ୍ଷା କରିପାରୁଥିଲେ। ତେବେ ଏବେ ନକଲି କୀଟନାଶକ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। କୃଷି ବିଭାଗ ପକ୍ଷରୁ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। କୃଷି ବିଭାଗର ବେପରୁଆ ମନୋଭାବକୁ ନେଇ ଚିନ୍ତା ପ୍ରକାଟ କରିବା ସହ ତୁରନ୍ତ ଏନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସେହିପରି ଗତ ଖରିପ ଋତୁରେ ହୋଇଥିବା ଅଦିନିଆ ବର୍ଷା ଯୋଗୁଁ ଜିଲ୍ଲାରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା। ଇତିମଧ୍ୟରେ ସରକାର କ୍ଷତିପୂରଣ ଅର୍ଥ ପ୍ରଦାନ କରିଛନ୍ତି। କେବଳ ଧନକଉଡ଼ା ବ୍ଲକକୁ ଛାଡ଼ିଦେଇ ଅନ୍ୟ ବ୍ଲକର ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ହେଲାଣି। ଧନକଉଡ଼ା ବ୍ଲକର ୧୭୫ ଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। କ୍ଷତିପୂରଣ ଟଙ୍କା ଆସିଛି। ତେବେ ତାହା ଚାଷୀଙ୍କୁ ପ୍ରଦାନ କରାଯାଇ ନାହିଁ। ତୁରନ୍ତ ପ୍ରଦାନ କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।

**କୃଷି ଅଧିକାରୀଙ୍କୁ ଭେଟିଲେ ଚାଷୀ**

## ଏନ୍‌ଏଲ୍‌ସି ବିରୋଧରେ ଗର୍ଜିଲେ ବିସ୍ଥାପିତ ଖିଣ୍ଡା ପଞ୍ଚାୟତବାସୀ

**ରେଙ୍ଗାଲି, ୧୯।୨(ସମିସ)**

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଖିଣ୍ଡା ସ୍ଥିତ ତାଳବିରା ୨ ଓ ୩ କୋଇଲା ଖଣି ଖନନ କାର୍ଯ୍ୟ କରୁଥିବା ଏନ୍‌ଏଲ୍‌ସି କମ୍ପାନୀ ବିସ୍ଥାପିତଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନଥିବା ଅଭିଯୋଗରେ ପୁଣି ବିସ୍ଥାପିତ ଖିଣ୍ଡା ପଞ୍ଚାୟତବାସୀ ଏକ ଦାବିପତ୍ର ଦେଇଛନ୍ତି। ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣି ପ୍ରଧାନ ଓ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର କାର୍ଯ୍ୟକାରୀ ସଭପତି ବାବୁଲୁ ରାଉତଙ୍କ ନେତୃତ୍ୱରେ ଶତାଧିକ ବିସ୍ଥାପିତ ପରିବାର ଦାବିପତ୍ର ଦେଇଛନ୍ତି। ଆଗାମୀ ୨୫ ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ୨୬ରୁ ବିସ୍ଥାପିତ ଗ୍ରାମବାସୀ କମ୍ପାନୀ ଗେଟ୍ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଦାବି ଗୁଡ଼ିକ ହେଲା- ପ୍ରକଳ୍ପରେ ବିସ୍ଥାପିତ ହୋଇ ଆର୍‌ଆର୍ କଲୋନୀରେ ଥଇଥାନ ହେବାକୁ ଥିବା ପରିବାରର ବିସ୍ଥାପନ କେଟାଗୋରୀ ଅନୁଯାଇ ତାଲିକାର ପ୍ରକାଶନ, ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ପରିବାରଙ୍କୁ କେଟାଗୋରୀ ୧ ମାନ୍ୟତାରେ ବିସ୍ଥାପିତ ଓ ଦୁଇଗୁଣା କ୍ଷତି ପୂରଣ ପ୍ରଦାନ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଓ ତାଲିକା ପ୍ରକାଶନ, ଖଟୁପଡ଼ାର ଅତି ନିକଟରେ ଉଚ୍ଚ କ୍ଷମତାସମ୍ପନ୍ନ ବ୍ଲାଷ୍ଟିଂ ହେବାଦ୍ୱାରା ପଡ଼ାବାସୀଙ୍କ ଧନଜୀବନ ହାନୀ ହେବାର ଆଶଙ୍କା ଅଛି, ଏଣୁ ତୁରନ୍ତ ପଡ଼ାବସୀଙ୍କୁ ବିସ୍ଥାପିତ କରି ଥଇଥାନ କରିବା ପାଇଁ ପଦକ୍ଷେପ ନେବା, ବୁଧିଆପାଲି ଗ୍ରାମବାସୀଙ୍କୁ ଓଡ଼ିଶା ସରକାର ଜମିପଟ୍ଟା ପ୍ରଦାନ କରିଅଛନ୍ତି ହେଲେ ଏନ୍ ଏଲ ସି କମ୍ପାନୀ ପଟା ଗୁଡିକ ମାନ୍ୟତା ଦେଇନହିଁ ଏଣୁ ୨୦୧୬ ମସିହା ପର୍ଯ୍ୟନ୍ତ ସମସ୍ତ ପଟା ଗୁଡ଼ିକର କିସମ ଅନୁଯାଇ ମାନ୍ୟତା ପ୍ରଦାନ କରାଯାଉ, ୨୦୦୯ ମସିହା ପରେ ମଧ୍ୟ କିଛି ପରିବାର ସରକାରଙ୍କୁ ଖଜଣା ଦେଇ ଜମିର କିସମ ପରିବର୍ତନ କରି ନିୟମିତ ପରିବର୍ତ୍ତିତ ଖଜଣା ପଇଠ କରୁଅଛନ୍ତି ଏଣୁ ପରିବର୍ତିତ କିସମ ଅନୁଯାଇ କ୍ଷତିପୂରଣ ପ୍ରଦାନ ଓ ଥଇଥାନ କରିବା, ଆର୍‌ପିଡିଏସି କମିଟିର ଅନୁମୋଦନ କ୍ରମେ ନୂଆ ଖିଣ୍ଡା ଖଣି ବାଉଣ୍ଡରୀ ଲାଇନ ଠାରେ ୯ଘରକୁ ମଧ୍ୟ ବିସ୍ଥାପିତ ତାଲିକା ଭୁକ୍ତ କରିବା ଓ ଥଇଥାନ କରିବା, ପୂର୍ବରୁ ନିର୍ଧାରିତ ଅନୁଯାଇ କିଛି ଜମିହରା ପରିବାରକୁ କେଟାଗୋରୀ ୪, ୫, ୬ ମାନଙ୍କୁ ଏକକାଳୀନ ୬ ଲକ୍ଷ ଟଙ୍କା ପ୍ରଦାନ କରାଗଲା ପରେ ସଂଶୋଧନ ହେଲାପରେ ଅନ୍ୟ ପରିବାରକୁ ୮ ଲକ୍ଷ ୩୩ ହଜାର ଟଙ୍କା ପ୍ରଦାନ କରାଗଲା, ଏଣୁ ପୂର୍ବରୁ କମ୍ ପାଇଥିବା ପରିବାରକୁ ଯଥାଶୀଘ୍ର ବକେୟା ୨ ଲକ୍ଷ୍ୟ ୩୩ ହଜାର ଟଙ୍କା ପ୍ରଦାନ କରିବା, ଏନ୍‌ଏଲ୍‌ସି ଇଣ୍ଡିଆ ଲିଃ. ର ପ୍ରତିଶ୍ରୁତି ଅନୁଯାଇ ସମସ୍ତ ଯୋଗ୍ୟ ପରିବାରକୁ ମାସିକ ଟଙ୍କା ୩୫୦୦ ପ୍ରଦାନ କରିବା ସହ ପ୍ରତି ୩ ବର୍ଷ ରେ ୫୦୦ ଟଙ୍କା ବୃଦ୍ଧି ସହ ପ୍ରଦାନ କରିବା କଥା କିନ୍ତୁ ଖଣି ଇଲୋଜନର ୪ବର୍ଷ ବିତିଯିବା ପରେ ମଧ୍ୟ ସମସ୍ତ ପରିବାରକୁ ଆନ୍ୟୁଟି ପ୍ରଦାନ କରାଯାଇ ନାହିଁ। ଏଣୁ ସମସ୍ତ ଜମିହରା ଓ ବିସ୍ଥାପିତ ପରିବାରକୁ ତୁରନ୍ତ ଆନ୍ୟୁଟି ପ୍ରଦାନ କରାଯାଉ, କୋଇଲା ପରିବହନ ରାସ୍ତାରେ ଖିଣ୍ଡା ଗ୍ରାମପଞ୍ଚାୟତ ର ତଗୀ ପାଟତାରାକୁ ମାଟି ପକାଇ ରାସ୍ତା ନିର୍ମାଣ କରାଯାଇଛି। ସେଠାରେ ଅଣ୍ଡରପାସ୍ ନିର୍ମାଣ ଆଦି ଦାବି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



## ବାରକୋଟରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଦେବଗଡ଼,୧୯।୨(ସମିସ):** ଦେବଗଡ ଜିଲ୍ଲା ବାରକୋଟ ବ୍ଲକ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ୨୭ଟି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ମଧ୍ୟରେ ୧୭ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଅଭିଯୋଗ ରହିଛି। ଜମି ପଟ୍ଟା, ବିଦ୍ୟୁତ ସମସ୍ୟା, ବ୍ରିଜ, ଜମି ମରାମତି, ସଡ଼କ ମରାମତି ନିମନ୍ତେ ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ବେହେରା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ବାରକୋଟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ ଓ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପାଣି ପିଇବୁ କହି ଚୋରି ଉଦ୍ୟମ, ତିନି ମହିଳା ଅଟକ

**ବ୍ରଜରାଜନଗର, ୧୯।୨(ସମିସ):** ବ୍ରଜରାଜନଗର ଥାନା ଅନ୍ତର୍ଗତ ରେମଜା ପାୱାର ହାଉସ୍ ପଡାରେ ତିନି ଜଣ ମହିଳା ପାଣି ପିଇବାକୁ କହି ଘର ଭିତରେ ଲୁଟ୍ ଉଦ୍ୟମ କରିବା ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ବ୍ରଜରାଜନଗର ପୁଲିସ୍ ତିନି ଜଣ ମହିଳାଙ୍କୁ ଥାନାରେ ଅଟକ ରଖିଛି। ସୂଚନା ଅନୁସାରେ, ରେମଜା ପାୱାର ହାଉସ୍ ପଡାର ଅକ୍ରୂର ସାହୁଙ୍କ ଘରେ ସୋମବାର ଦିନ ୧୧ଟା ସମୟରେ ପତ୍ନୀ ଏକୁଟିଆ ଥିବା ବେଳେ ୩ ଜଣ ମହିଳା ଛୋଟ ଛୋଟ ୨ଟି ଛୁଆଙ୍କୁ ନେଇ ଶୋଷ ଲାଗୁଛି, ପାଣି ପିଇବୁ ବୋଲି କହିଥିଲେ। ପାଣି ଆଣିବାକୁ ଘର ଭିତରକୁ ଯାଇଥିବା ବେଳେ ଜଣେ ମହିଳା ତାଙ୍କର ଆଲମାରୀ ଖୋଲୁଥିଲେ। ଏହା ଦେଖି ଅକ୍ରୂରଙ୍କ ସ୍ତ୍ରୀ ପାଟି କରିଥିଲେ। ସଙ୍ଗେ ସଙ୍ଗେ ଆଖପାଖ ପଡୋଶୀ ସେଠାକୁ ଆସି ମହିଳାଙ୍କୁ ଅଟକାଇ ପଚରାଉଚରା କରିବାରୁ ମହିଳାମାନେ କେତେବେଳେ ଗାନ୍ଧୀ ଛକ ତ କେତେ ବେଳେ ସମ୍ବଲପୁର ବାସିନ୍ଦା ବୋଲି କହିବାରୁ ଉପସ୍ଥିତ ଲୋକଙ୍କ ସନ୍ଦେହ ବୃଦ୍ଧି ପାଇଥିଲା। ବ୍ରଜରାଜନଗର ଥାନାକୁ ଖବର ଦେଇଥିଲେ। ଥାନା ପାଟ୍ରୋଲିଂରେ ଥିବା ଏଏସଆଇ ଅଭୟ ମହାନ୍ତି ସଙ୍ଗେ ସଙ୍ଗେ ଘଟଣାସ୍ଥଳକୁ ପହଞ୍ଚି ଉକ୍ତ ୩ ଜଣ ମହିଳାଙ୍କୁ ଥାନାକୁ ନେଇ ଅଟକ ରଖିଛନ୍ତି।

# ଝାରସୁଗୁଡ଼ା ଜିଲ୍ଲାରେ ଗଡ଼ିଲା ଲକ୍ଷ୍ମୀ ବସ୍









**ଝାରସୁଗୁଡ଼ା, ୧୯।୨(ସମିସ)**

ଝାରସୁଗୁଡ଼ା ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବା ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପୂର୍ବାହ୍ଣ ସାଢ଼େ ୧୧ଟାରେ ଆଭାସି ଜରିଆରେ ଲୋକାର୍ପଣ କରିଛନ୍ତି। ସ୍ଥାନୀୟ ଅମଲିପାଲି ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅବସରରେ ଝାରସୁଗୁଡା ବିଧାୟିକା ସୁଶ୍ରୀ ଦୀପାଳି ଦାସ, ବ୍ରଜରାଜନଗର ବିଧାୟିକା ଅଲକା ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ ଓ ଜିଲ୍ଲାପାଳ ଅବୋଲି ସୁନିଲ ନରୱଣେ ଉପସ୍ଥିତ ଥିଲେ। ଜିଲ୍ଲାରେ ୧୮ଟି ରୁଟ୍‌ରେ ବସ୍ ଚାଲିବ। ଲଖନପୁରର ବିଭିନ୍ନ ପଞ୍ଚାୟତରୁ ବ୍ଲକକୁ ୫ଟି ବସ, ଝାରସୁଗୁଡ଼ାର ବିଭିନ୍ନ ପଞ୍ଚାୟତରୁ ୪ଟି, କୋଲାବିରା, ଲଇକେରା ଓ କିର୍ମିରାରୁ ୨ଟି ଲେଖାଏଁ ବସ୍ ଚାଲିବ। ସେହିପରି ଲଖନପୁର, କୋଲାବିରା ଓ କିର୍ମିରାରୁ ଜିଲ୍ଲା ସଦର ମହାକୁମାକୁ ଗୋଟିଏ ଲେଖାଏଁ ଏସି ବସ୍ ଚାଲିବ।

**ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ**

**୧୮ ଟି ରୁଟ୍ ରେ ଗଡ଼ିବ ବସ୍**







## ଏଲ୍‌ଏନ୍ କଲେଜରେ ୫ ପିଜି ପାଠ୍ୟକ୍ରମ ଆରମ୍ଭ ହେବ

**ଝାରସୁଗୁଡ଼ା, ୧୯।୨(ସମିସ):** ଝାରସୁଗୁଡ଼ା ଜିଲ୍ଲାର ସର୍ବ ପୁରାତନ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ୨୦୨୪-୨୫ ଶିକ୍ଷାବର୍ଷରୁ ୫ଟି ବିଷୟରେ ପିଜି ପାଠ୍ୟକ୍ରମ ଆରମ୍ଭ କରିବାକୁ ସରକାରଙ୍କ ଅନୁମିତ ମିଳିଛି। ବାଣିଜ୍ୟ, ଗଣିତ, ଇଂରାଜୀ, ଓଡିଆ ଓ ହିନ୍ଦୀରେ ସେଲ୍ଫ ଫାଇନାନ୍ସ ବ୍ୟବସ୍ଥାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲିବ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସ୍ନେହଲତା ମିଶ୍ର ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଝାରସୁଗୁଡ଼ା ବିଧାୟିକା ସୁଶ୍ରୀ ଦିପାଳି ଦାସ, ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ପ୍ରଭାବତୀ ଗୁରୁ, ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ଶିଶୁଗୃହ ଅନ୍ତେବାସୀଙ୍କୁ ଜୀବନ କୌଶଳ ଶିକ୍ଷା ତାଲିମ

**ଦେବଗଡ଼,୧୯।୨(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଆବାହକତ୍ୱରେ 'ସପୋର୍ଟ' ଶିଶୁଗୃହ ଅନ୍ତେବାସୀଙ୍କ ଜୀବନ କୌଶଳ ଶିକ୍ଷା ତାଲିମ କର୍ମଶାଳା ଆରମ୍ଭ ହୋଇଯାଇଛି। ଏହି ତାଲିମ ଶିବିର ଆସନ୍ତା ତିନି ସପ୍ତାହ ଧରି ପ୍ରତ୍ୟେକ ଶନିବାର ଓ ରବିବାର ସପୋର୍ଟ ଶିଶୁ ଗୃହ ପରିସରରେ ଆୟୋଜିତ ହେବ। ଶିବିରକୁ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଓ ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧକ୍ଷା ପିଙ୍କିରାଣୀ ନନ୍ଦ ଶୁଭାରମ୍ଭ କରିଥିଲେ। କର୍ମଶାଳାରେ ତାଲିମଦାତା ଭାବେ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, ଆକ୍ସନଆଡ୍ ଜିଲ୍ଲା ପରାମର୍ଶଦାତା ବୀରେନ୍ଦ୍ର ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ଦାସ, ଶ୍ରୀଦତ୍ତ ସାହୁ, ଶୁଭସ୍ମିତା ମିଶ୍ର, ସୁଭଦ୍ରା ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ସୁରକ୍ଷା ଅଧିକାରିଣୀ କ୍ରାନ୍ତି ଧାଉଁଳିଆ ଓ ଦେବରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।




## ନିର୍ବାଚନ ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା, ୧୯।୨(ସମିସ) :** ୨୦୨୪ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା ସକାଶେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ସ୍ୱଚ୍ଛତା ଓ ସଫଳତାର ସହ ନିର୍ବାଚନ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ନିର୍ବାଚନରେ ମୁତୟନ ହେବାକୁ ଥିବା ଅଧିକାରୀ ଓ କର୍ମଚାରୀ (ପୋଲିଂ ପାର୍ଟି) ର ଦାୟିତ୍ୱ ଏବଂ ନିର୍ବାଚନ ଦିନ ଗ୍ରହଣ କରାଯିବାକୁ ଥିବା ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଉପ ଜିଲ୍ଲାପାଳ ଭିକ୍ଟୋରିଆ ଏକ୍କା ଓ କିର୍ମିରା ଅତିରିକ୍ତ ତହସିଲଦାର ତକ୍ଷରାଜ ଭିତିରିଆ ଏବଂ ଜିଲ୍ଲା ପରିଷଦ ପିଆରଓ (ଆଇଟି) ପ୍ରସନ୍ନ ଦାଶ ପ୍ରମୁଖ ଇଭିଏମ୍ ଓ ଭିଭିପାଟ ପରିଚାଳନା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉପ ଜିଲ୍ଲାପାଳ ପ୍ରଶ୍ନୋତ୍ତର ମାଧ୍ୟମରେ ପ୍ରଶିକ୍ଷଣରେ ଅଂଶ ଗ୍ରହଣକାରୀ ଅଧିକାରୀମାନଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କରେ ବୁଝାଇଥିଲେ। ଶିବିରରେ ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରସନ୍ନ ପଟେଲ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ହରିହର ମାଝୀ, କେଶବ ଡିଲା ଓ ସାହେବଲାଲ ପ୍ରଧାନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



## ପ୍ରସିଦ୍ଧ ପଣ୍ଡରି ଧନୁଯାତ୍ରା ଉଦ୍‌ଯାପିତ



**ଝାରସୁଗୁଡ଼ା, ୧୯ ।୨(ସମିସ):** ସ୍ଥାନୀୟ ଅଞ୍ଚଳରେ ପ୍ରସିଦ୍ଧ ପଣ୍ଡରି ଧନୁଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ବିଧାୟିକା ଅଲକା ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସନତ ସିଂହ, ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ବଶ୍ୱନାଥ ନାଏକ, ବେଲପାହାଡ଼ ପୌର ପରିଷଦ ପୂର୍ବତନ ଅଧ୍ୟକ୍ଷ କୈଳାସ ନାଏକ, ବିଜୁ ଜନତା ଦଳ ଜିଲ୍ଲା ଉପ ସଭାପତି ଶମ୍ଭୁ ମହାନ୍ତି, ବରିଷ୍ଠ ସାମ୍ବାଦିକ ମେହେବୁବ୍ ମହତାବ, ପୂର୍ବତନ ଲଖନପୁର ବ୍ଲକ ଅଧ୍ୟକ୍ଷ ଗୌତମ ପ୍ରଧାନ, ସଞ୍ଜୀବ ସାହୁ, ସାମ୍ବାଦିକ ନିଲେନ୍ଦ୍ର ଗଜେନ୍ଦ୍ର, ପ୍ରସନ୍ନ ସିଂହ, ଭଗବାନ ପଶାୟତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଳାକାର ରଥାଙ୍ଗ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସଦାନନ୍ଦ ସାହୁ ଓ ସଦାନନ୍ଦ ମାଝୀଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ବିରାଟ ରାଜା ପ୍ରଧାନ ପରିଚାଳନା କରିଥିଲେ। ସୁବାସ ମେହେର, ସଦାନନ୍ଦ ପ୍ରଧାନ, ଆନନ୍ଦ ସାହୁ, ହେମନ୍ତ ସାହୁ, ହିରାଲାଲ ସାହୁ, ରାମକୃଷ୍ଣ ସାହୁ, ପ୍ରଦୀପ ସାହୁ, ମକରଧ୍ୱଜ ଶା, ଘୃତ ସାଗର ଭୋଇ, ଚୂଡ଼ାମଣି ବିଶ୍ୱାଳ, ସପନ ପ୍ରଧାନ, ମାନସ ରଞ୍ଜନ ସାହୁ, ଗୋବିନ୍ଦ ମେହେର, ସୁଦାମ ଚରଣ ମେହେର, ଧିରଜ୍ ସାହୁ, ବିରେନ୍ଦ୍ର ସାହୁ, ଯୋଗେଶ ପ୍ରଧାନ, ସଞ୍ଜୀବ ସାହୁ, ସତ୍ୟ ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସରକାରଙ୍କୁ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର କୃତଜ୍ଞତା

**ଝାରସୁଗୁଡା, ୧୯ ।୨ (ସମିସ):** ଭୁବନେଶ୍ୱରରେ ଗୋଣ୍ଡ ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ଅଧ ଏକର ଜମି ଦେଇଛନ୍ତି। ଏଥିପାଇଁ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଝାରସୁଗୁଡା ଜିଲ୍ଲା ମହିଳା ସମିତି ସରକାରଙ୍କୁ କୃତଜ୍ଞତା ଜଣାଇଛି। କାପୁମାଲସ୍ଥିତ ସମିତିର ଗୋଣ୍ଡ ଭବନରେ ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' କାର୍ତ୍ତିକ ପାଣ୍ଡିଆନଙ୍କୁ ସମିତି କୃତଜ୍ଞତା ଜଣାଇଛି। ସଭାରେ ସୁନୀତା ନାଏକ ସଭାପତିତ୍ୱ କରିଥିଲେ। ସୁରମା ନାଏକ, ଜଶୋଦା ନାଏକ, ତିଲୋତ୍ତମା ନାଏକ, ଦୀପ୍ତି ନାଏକ, ସୁଲୋଚନା ନାଏକ, ପ୍ରଭାସିନୀ ନାଏକ, ଅଳକା କାଲୋ, ଶିଳା ନାଏକ, ରାଜକୁମାରୀ ନାଏକ, କାମିନୀ ଧୁରୁଆ, ସୁମିତ୍ରା ବରିହା, ପଞ୍ଚମୀ ନାଏକ, ଲୋଭାବତୀ ନାଏକ, ମୋହିନୀ ନାଏକ, ପ୍ରଭାତୀ ନାଏକ, ଜୟନ୍ତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।




## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

**ଝାରସୁଗୁଡ଼ା, ୧୯।୨(ସମିସ):** ପୂର୍ବତନ ପଣ୍ଡରୀ ସମିତି ସଭ୍ୟା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ଜିଲ୍ଲା ପ୍ରଶାସନର ମନମମୁଖୀ ଓ ଅବହେଳାର ପ୍ରତିବାଦରେ ସେ ଆମରଣ ଅନସନରେ ବସିଛନ୍ତି।

ଗତ ୧ ତାରିଖରେ ପଣ୍ଡରୀ ସମିତି ସଭ୍ୟା କ୍ଷୀରବତୀ ସାହୁ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। 'ଆମ ଓଡ଼ିଶା, ନିବୀନ ଓଡ଼ିଶା' ଯୋଜନାରେ ସେ ଦେଇଥିବା କାର୍ଯ୍ୟର ପ୍ରସ୍ତାବଗୁଡ଼ିକ ଏକ ମାସ ହେବ ଜାଗା ପ୍ରସ୍ତୁତ ହେବା ସ୍ୱତ୍ତ୍ୱେ ଲେ ଆଉଟ ଦେବା ପାଇଁ କନିଷ୍ଠ ଯନ୍ତ୍ରୀ ଅସୁ ନାହାନ୍ତି। ଏ ସମ୍ପର୍କରେ ତାଙ୍କ ସହିତ ଯୋଗା ଯୋଗ କଲେ ନାନା ବାହାନା କରୁଥିବା କ୍ଷୀରବତୀ ଅଭିଯୋଗ କରିଛନ୍ତି। ପଣ୍ଡରୀ ପଞ୍ଚାୟତବାସୀଙ୍କ ପ୍ରସ୍ତବ ଓ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି କରିଥିବା ସୁପାରସରେ ପଣ୍ଡରୀର ତଳିବନ୍ଧର ପୁନର ଉଦ୍ଧାର, ଗାର୍ଡ ୱାଲ୍ ପାଇଁ ସମିତି ପକ୍ଷରୁ କେସ୍ ରେର୍କଡ ଖୋଲିବାକୁ ବିଡିଓ କରିଛନ୍ତି। ଯଦିଓ ଏହି ପ୍ରକଳ୍ପ ଗୁଡ଼ିକ ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ଆକ୍ସନ ପ୍ଲାନରେ ସ୍ଥାନୀତ ରହିଛି ବୋଲି କ୍ଷୀରବତୀ ଭୋଇ କହିଛନ୍ତି। ସେହିପରି ଉପରପଡ଼ା କମ୍ୟୁନିଟି ସେଣ୍ଟର କାର୍ଯ୍ୟ ଶେଷ ହୋବାର ଗୋଟିଏ ବର୍ଷ ପରେ ମଧ୍ୟ କନିଷ୍ଠ ଯନ୍ତ୍ରୀ ଏହାର ବିଲ୍ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସବୁବେଳେ କନଷ୍ଠ ଯନ୍ତ୍ରୀ ତାଙ୍କୁ ଅଣଦେଖା କରିବା ସହିତ ତାଙ୍କ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟକୁ ବିଭିନ୍ନ ବାହାନା କରି କାର୍ଯ୍ୟ କରୁ ନ ଥିବା ସେ ଇସ୍ତଫା ପତ୍ରରେ ପ୍ରକାଶ କରିଥିଲେ।



# ୫ ଦଫା ଦାବିନେଇ ଜିଲ୍ଲା କୃଷକ ସଂଘର୍ଷ ସଂଘର ବିକ୍ଷୋଭ



**ଦେବଗଡ଼, ୧୯।୨ (ସମିସ)**

ଦୀର୍ଘ ଦିନରୁ ସରକାରୀ ଚାଷ ଜମିକୁ ଦଖଲରେ ରଖିଥିବା ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ଆଦିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର, ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମିହୀନଙ୍କୁ ୪ ଡିସିମିଲ ଘରଡିହ ପ୍ରଦାନ, ଚାଷୀଙ୍କ ଜମିର କିସମ ପରିବର୍ତ୍ତନ, ରେଙ୍ଗାଲି ବାସଚ୍ୟୁତଙ୍କୁ ବକେୟା ଜମି ପ୍ରଦାନ ଆଦି ଦାବିନେଇ ଜିଲ୍ଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରଯାଇଛି। ପୂର୍ବାହ୍ନରେ ଜିଲ୍ଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ କୃଷକ ଓ ଭୂମିହୀନ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ବହୁ ଆଦିବାସୀ ଚାଷୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମାନ ଦାବିରେ ଗତ ନଭେମ୍ବର ୨୨ ତାରିଖ ସଙ୍ଘ ପକ୍ଷରୁ ସମାନ ଢଙ୍ଗରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ କରି ଆଜି ପୁଣିଥରେ କୃଷକ ସଂଘର୍ଷ ସଙ୍ଘ ଏହି ଆନ୍ଦୋଳନର ପୁନରାବୃତ୍ତି କରିଛି।

